୬ ► ଗୌତମ ଗମ୍ଭୀରଙ୍କୁ ହତ୍ୟା ଧମକ
'ଆଇଏସଆଇଏସ କଶ୍ମୀର'ରୁ ଆସିଲା ଇମେଲ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୮୭ ● ୨୫ ଅପ୍ରେଲ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-87 ● 25th April 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### ପୁରୀଠାରେ ଜାତୀୟ ପଞ୍ଚାୟତିରାଜ ଦିବସ

# ଗ୍ରାମାଞ୍ଚଳର ବିକାଶ ବିନା ରାଜ୍ୟ ଓ ଦେଶର ବିକାଶ ଅସମ୍ଭବ




**ଭୁବନେଶ୍ୱର, ୨୪।୪**
**ନ୍ୟୁଜ୍ ବ୍ୟୁରୋ**

ଆମ ଦେଶର ସମୁଦାୟ ଜନସଂଖ୍ୟାର ପ୍ରାୟ ୬୯ ପ୍ରତିଶତ ଗ୍ରାମାଞ୍ଚଳରେ ବସବାସ କରନ୍ତି । ଓଡ଼ିଶାରେ ୮୩ ପ୍ରତିଶତ ଲୋକ ଗାଁରେ ବସବାସ କରନ୍ତି। ତେଣୁ ଯେତେଦିନ ପର୍ଯ୍ୟନ୍ତ ଗ୍ରାମାଞ୍ଚଳର ବିକାଶ ହୋଇପାରିବ ନାହିଁ ସେତେଦିନ ପର୍ଯ୍ୟନ୍ତ ରାଜ୍ୟ ତଥା ଦେଶର ବିକାଶ ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ପୁରୀ ଠାରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପ୍ରଥମେ କଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ହୋଇଥିବା ପର୍ଯ୍ୟଟକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଶାସନ ବ୍ୟବସ୍ଥାର ମୂଳ କେନ୍ଦ୍ର ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା। ୧୯୯୩ ମସିହା ଅପ୍ରିଲ ୨୪ ତାରିଖ ଦିନ ୭୩ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇ ପଞ୍ଚାୟତିରାଜ ବ୍ୟବସ୍ଥାର ବୈପବ୍ଳିକ ପରିବର୍ତ୍ତନ ଅଣାଯାଇଥିଲା । ଶାସନ ପ୍ରଶାସନରେ ଜନମତର ପ୍ରାଧାନ୍ୟକୁ ସମ୍ମାନ ଦେବା ପାଇଁ ଆମେ ଏହି ଦିବସଟିକୁ ପାଳନ କରୁଛୁ। ଗ୍ରାମାଞ୍ଚଳ ବିକାଶ ପ୍ରକ୍ରିୟାରେ ଜନସହଭାଗିତା ବୃଦ୍ଧି ନିମନ୍ତେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିକୁ ଭାରତ ସରକାର ଅଗ୍ରାଧିକାର ଦେଉଛନ୍ତି । ଆମ ରାଜ୍ୟରେ ଲୋକମାନଙ୍କ ମୌଳିକ ସମସ୍ୟା ଦୂର କରିବା ଦିଗରେ ପଞ୍ଚାୟତିରାଜ ବ୍ୟବସ୍ଥା ଦୃଢତାର ସହ କାମ କରୁଛି । ଗତ ୩ ବର୍ଷ ଧରି ଆମ ରାଜ୍ୟର ଅନେକ ଗ୍ରାମ ପଞ୍ଚାୟତ ସର୍ବ ଭାରତୀୟ ସ୍ତରରେ ପ୍ରଶଂସିତ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି ।

ଆଜି ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ୫୦ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି । ଓଡ଼ିଶା ମାଟି ନାରୀମାନଙ୍କ ସାମଗ୍ରିକ ବିକାଶର ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରକୃତ ପ୍ରୟୋଗଶାଳା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଆଜି ରାଜ୍ୟରେ ମହିଳା ପଞ୍ଚାୟତ ପ୍ରତିନିଧିମାନେ ନିଜ ଅଞ୍ଚଳର ବିକାଶ ପାଇଁ ତତ୍ପର *(ପୃଷ୍ଠା ୭ରେ)*

# ରାଷ୍ଟ୍ରପତିଙ୍କୁ ଭେଟିଲେ ଶାହ-ଜୟଶଙ୍କର



**ନୂଆଦିଲ୍ଲୀ, ୨୪।୪**

ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର । ସର୍ବଦଳୀୟ ବୈଠକ ପୂର୍ବରୁ ରାଷ୍ଟ୍ରପତିଙ୍କୁ ଭେଟି ପହଲଗାମ ହମଲା ବାବଦରେ ଅବଗତ କରାଇଛନ୍ତି । ତେବେ ଦୁଇ ମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ହଠାତ ଭେଟିବାକୁ ନେଇ *(ପୃଷ୍ଠା ୭ରେ)*

# ଆତଙ୍କବାଦୀ ଓ ଷଡଯନ୍ତ୍ରକାରୀଙ୍କୁ କଳ୍ପନା ବାହାରେ ଦିଆଯିବ ଦଣ୍ଡ



**ନୂଆଦିଲ୍ଲୀ, ୨୪।୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବିହାରର ମଧୁବନିରେ ଏକ ଜନସଭା ସମୟରେ କହିଛନ୍ତି ଯେ, ପହଲଗାମ ଆକ୍ରମଣରେ ସାମିଲ ଆତଙ୍କବାଦୀ ଓ ଷଡଯନ୍ତ୍ରକାରୀଙ୍କୁ ସେମାନଙ୍କ କଳ୍ପନା ବାହାରେ ଦଣ୍ଡ ଦିଆଯିବ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ନିରୀହ ଦେଶବାସୀଙ୍କୁ ଯେଭଳି ବର୍ବର ଭାବେ ମାରିଛନ୍ତି ତାକୁ ନେଇ ପୂରା ଦେଶ ବ୍ୟଥିତ । ସମସ୍ତ ପୀଡିତ ପରିବାରଙ୍କ ଏହି ଦୁଃଖରେ ପୂରା ଦେଶ ସେମାନଙ୍କ ସହିତ ଅଛି । ଯେଉଁ ପରିବାରଜନଙ୍କ ଏବେ ଚିକିତ୍ସା ଚାଲିଛି, ସେମାନେ ଶୀଘ୍ର ସୁସ୍ଥ ହୁଅନ୍ତୁ, ଏଥିପାଇଁ ବି ସରକାର ଯଥାସମ୍ଭବ ଉଦ୍ୟମ କରୁଛନ୍ତି ।

ସେ କହିଛନ୍ତି ଯେ, ଏହି ଆକ୍ରମଣ କେବଳ ନିରସ୍ତ୍ର ପର୍ଯ୍ୟଟକଙ୍କ ଉପରେ ହୋଇନି, ଦେଶର ଶତ୍ରୁ ଭାରତର ଆସ୍ଥା ଉପରେ ଆକ୍ରମଣ କରିବାର ଦୁଃସାହସ କରିଛନ୍ତି । ଏହି ଆତଙ୍କବାଦୀ ଆକ୍ରମଣରେ କିଏ ନିଜ ପୁଅକୁ ହରାଇଛି, କିଏ ନିଜ ଭାଇକୁ ହରାଇଛି ତ ଆଉ କିଏ *(ପୃଷ୍ଠା ୭ରେ)*

## ସୀମାରେ ଯବାନଙ୍କୁ ଧରିନେଲେ ପାକିସ୍ତାନୀ ରେଞ୍ଜର୍ସ



**ଅମୃତସର, ୨୪।୪**

ପଞ୍ଜାବ ବର୍ଡରରୁ ଏକ ବଡ଼ ଖବର ଆସିଛି। ପାକିସ୍ତାନୀ ରେଞ୍ଜର୍ସ ସୀମାରେ ଜଣେ ବିଏସଏଫ ଯବାନଙ୍କୁ ଗିରଫ କରିଛନ୍ତି । କୁହାଯାଉଛି ଯବାନ ପାଟ୍ରୋଲିଂ କାଳରେ ଭୁଲ କ୍ରମେ ସୀମା ପାର କରିଯାଇଥିଲେ। ୧୮୨ ବଟାଲିୟନର କନଷ୍ଟେବଲ ପି.କେ. ସିଂହଙ୍କୁ ପଞ୍ଜାବର ଫିରୋଜପୁର ସେକ୍ଟରରେ ଅଟକ କରାଯାଇଛି । ଭାରତୀୟ ଯବାନଙ୍କୁ ମୁକ୍ତ କରାଇବା ପାଇଁ ସୀମା ସୁରକ୍ଷା ବଳ (ବିଏସଏଫ) ଓ ପାକିସ୍ତାନ ରେଞ୍ଜର୍ସଙ୍କ ମଧ୍ୟରେ ଫ୍ଲାଗ ମିଟିଂ ଚାଲିଛି ।

ରିପୋର୍ଟ ଅନୁସାରେ ଏହି ମାମଲା ଗୁରୁବାର ମଧ୍ୟାହ୍ନ ୨ଟା ପାଖାପାଖି ହୋଇଛି । ଯବାନ ୟୁନିଫର୍ମରେ ଥିଲେ ଓ ତାଙ୍କ ପାଖରେ ତାଙ୍କର ସର୍ଭିସ ରାଇଫଲ ଥିଲା। ସେ ଚାଷୀଙ୍କ ସହ କଥା ହେଉଥିଲେ, ଯେତେବେଳେ ଆରାମ କରିବା ପାଇଁ ଗଛ ଛାଇକୁ ଗଲେ ତାଙ୍କୁ ରେଞ୍ଜର୍ସ ଧରି ନେଇଥିଲେ। ତେବେ ଭାରତୀୟ ଯବାନଙ୍କ ମୁକ୍ତି ନିମନ୍ତେ ଆଲୋଚନା ଚାଲିଛି । ଅଧିକାରୀମାନେ ପୁଷ୍ଟି କରିଛନ୍ତି ଯେ ଭୁଲକ୍ରମେ ସୀମା ପାର କରି ଯାଇଥିବା ବିଏସଏଫ ଯବାନଙ୍କ ମୁକ୍ତି ନିମନ୍ତେ ବିଏସଏଫ ଓ ପାକିସ୍ତାନ ରେଞ୍ଜର୍ସଙ୍କ ମଧ୍ୟରେ ୱାଘା-ଅଟାରୀ ସାମୀରେ ଫ୍ଲାଗ ମିଟିଂ ଚାଲିଛି ।

ଏହି ଘଟଣା ୨୨ ଏପ୍ରିଲ ପହଲଗାମ ଆତଙ୍କବାଦୀ *(ପୃଷ୍ଠା ୭ରେ)*

### ସୁରକ୍ଷାରେ ତ୍ରୁଟି ଥିବା ସ୍ୱୀକାର କଲେ କେନ୍ଦ୍ର ସରକାର !

# ସର୍ବଦଳୀୟ ବୈଠକ ପରେ ସରକାରଙ୍କୁ ସମର୍ଥନ ଜଣାଇଲେ ବିରୋଧୀ



**ନୂଆଦିଲ୍ଲୀ, ୨୪।୪**

ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଭାରତ ସରକାର ଡକାଇଥିବା ସର୍ବଦଳୀୟ ବୈଠକ ଶେଷ ହୋଇଛି । ବୈଠକ ସରିବା ପରେ ବିଭିନ୍ନ ନେତାଙ୍କ ଆଡୁ ପ୍ରତିକ୍ରିୟା ସାମ୍ନାକୁ ଆସୁଛି। ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଦଳମତ ନିର୍ବିଶେଷରେ ସମସ୍ତେ କଡା ନିନ୍ଦା କରିଛନ୍ତି । ସବୁଠାରୁ ବଡ଼ କଥା ହେଲା ପହଲଗାମରେ ସୁରକ୍ଷାରେ ତ୍ରୁଟି ଥିବା କେନ୍ଦ୍ର ସରକାର ସ୍ୱୀକାର କରିଛନ୍ତି। ସର୍ବଦଳୀୟ ବୈଠକରେ, ସରକାର କହିଛନ୍ତି ଯେ ବିନା ଗୁଇନ୍ଦା ଅନୁମତିରେ ସ୍ଥାନୀୟ କର୍ତ୍ତୃପକ୍ଷମାନେ ପହଲଗାମରେ ବୈସାରନ ଖୋଲିଥିଲେ। ଯାହାଫଳରେ ଏହି ଘଟଣା ଘଟିଛି ।

ଖବର ଅନୁସାରେ, ଗୃହମନ୍ତ୍ରୀ ଅମିତ ଶାହ ସୁରକ୍ଷାରେ ତ୍ରୁଟି ହୋଇଥିବା ସ୍ୱୀକାର କରିଛନ୍ତି । ଏନେଇ ସେ ବୈଠକରେ କହିଛନ୍ତି ଯଦି କିଛି ଭୁଲ ହୋଇନଥାନ୍ତା, *(ପୃଷ୍ଠା ୭ରେ)*

# ପାକିସ୍ତାନ ବିଚଳିତ: ଆରବ ସାଗରରେ ଆରମ୍ଭ କଲା ଫାୟାରିଂ ଡ୍ରିଲ



**ଇସଲାମାବାଦ, ୨୪।୪**

ପହଲଗାମ ଆକ୍ରମଣ ପରେ ଭାରତର କଠୋର କାର୍ଯ୍ୟାନୁଷ୍ଠାନରେ ବିଚଳିତ ପାକିସ୍ତାନ। ଆରବ ସାଗରରେ ଫାୟାରିଂ ଡ୍ରିଲ୍ ଆରମ୍ଭ କରିଦେଇଛି। ପାକିସ୍ତାନର ଏହି କାର୍ଯ୍ୟାନୁଷ୍ଠାନର ଜବାବରେ, ଭାରତୀୟ ନୌସେନା ବିମାନ ଆଇଏନ୍ଏସ୍ ବିକ୍ରାନ୍ତକୁ ସମୁଦ୍ରରେ ଅବତରଣ କରିଛି।

ଆଇଏନ୍ଏସ୍ ବିକ୍ରାନ୍ତରେ ଏମ୍ଆଇଜି-୨୯କେ ଲଢୁଆ ବିମାନ ଏବଂ ଆକ୍ରମଣକାରୀ ହେଲିକପ୍ଟର ନିୟୋଜିତ କରାଯାଇଛି। ପହଲଗାମ ହତ୍ୟାକାଣ୍ଡ ପରେ ଭାରତର କାର୍ଯ୍ୟାନୁଷ୍ଠାନରେ ଭୟଭୀତ ପାକିସ୍ତାନ ଗୱାଦର ବନ୍ଦର ନିକଟରେ କ୍ଷେପଣାସ୍ତ୍ର ମାଡ଼ ଅଭ୍ୟାସ ଆରମ୍ଭ କରିଛି। ଏହି ମାସରେ, ବିକ୍ରାନ୍ତରେ ନିୟୋଜିତ ହେବାକୁ ଥିବା ୨୬ଟି ରାଫାଲ ଯୁଦ୍ଧ ବିମାନର ସାମୁଦ୍ରିକ ସଂସ୍କରଣ ପାଇଁ ଏକ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି। ନୌସେନାର କରୱାର ନୌସେନା ଘାଟିରୁ ଆଇଏନ୍ଏସ୍ ବିକ୍ରାନ୍ତ ଛାଡି ଆରବ ସାଗର ଆଡକୁ ଯାଉଥିବାର ସାଟେଲାଇଟ ଚିତ୍ର ଖୋଲା ଉତ୍ସ ଗୋଇନ୍ଦା ବିଭାଗ ପ୍ରକାଶ କରିଛି। ଆଇଏନ୍ଏସ୍ ବିକ୍ରାନ୍ତ ଗୋଆ ନିକଟସ୍ଥ କର୍ଣ୍ଣାଟକର କରୱାର ବେସରେ ଅବସ୍ଥିତ।

ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆଇଏନ୍ଏସ୍ ବିକ୍ରାନ୍ତ ୨୬୨ ମିଟର ଲମ୍ବା ଏବଂ ୫୯ ମିଟର ଚଉଡା। ଏହା ନିଜ ଉପରେ ୪୦ଟି ଯୁଦ୍ଧ ବିମାନ ବହନ କରିପାରିବ। ଆଇଏନ୍ଏସ୍ ବିକ୍ରାନ୍ତ ଜେନେରାଲ *(ପୃଷ୍ଠା ୭ରେ)*

## ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ଦେବ ପ୍ରସାଦ ଦାଶ



**ଭୁବନେଶ୍ୱର, ୨୪।୪**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନୂତନ ନିର୍ଦ୍ଦେଶକ ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦେବ ପ୍ରସାଦ ଦାଶ ଗୁରୁବାର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଦାଶଙ୍କୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ *(ପୃଷ୍ଠା ୭ରେ)*

# ପ୍ରଶାନ୍ତଙ୍କ ଶେଷ ଯାତ୍ରାରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ : ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା



**ଭୁବନେଶ୍ୱର, ୨୪।୪**
**ନ୍ୟୁଜ୍ ବ୍ୟୁରୋ**

ପହଲଗାମ ଆକ୍ରମଣକୁ ନେଇ ସାରା ଦେଶ ସ୍ତବ୍ଧ ହୋଇଯାଇଛି । ଏହି ଘଟଣାରେ ଓଡ଼ିଶାର ୨ଜଣ ପୁଅ ମୃତ୍ୟୁବରଣ କରିଛନ୍ତି। ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଓଡ଼ିଆ ଯୁବକ ପ୍ରଶାନ୍ତ ଶତପଥୀଙ୍କ ଗୁରୁବାର ଶେଷକୃତ୍ୟ ସଂପନ୍ନ ହୋଇଛି। ଗୁରୁବାର ଭୋରରେ ବାଲେଶ୍ୱର ଇସାଣୀରେ ପହଞ୍ଚିଥିଲା ମରଶରୀର। ଏନେଇ ସାରା ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ବୁଧବାର ରାତିରେ ମରଶରୀର ଜମ୍ମୁ-କଶ୍ମୀରରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲା। ଭୁବନେଶ୍ୱର ବିମାନବନ୍ଦରରେ ରାତି ପ୍ରାୟ ୧୨ଟା ୩୦ମିନିଟରେ ପହଞ୍ଚିଥିଲା ପ୍ରଶାନ୍ତଙ୍କ ମରଶରୀର।

ତେବେ ଏହାରି ଭିତରେ ବାଲେଶ୍ୱରରେ ପହଞ୍ଚିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରଶାନ୍ତଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ବଡ଼ ଘୋଷଣା କରିଛନ୍ତି । ମୃତ ପ୍ରଶାନ୍ତଙ୍କ ପରିବାର ବର୍ଗଙ୍କ ପାଇଁ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରଶାନ୍ତଙ୍କ ପରିବାରକୁ *(ପୃଷ୍ଠା ୭ରେ)*

## ଭାରତୀୟ ନୌସେନା କଲା 'ଆଇଏନ୍ଏସ୍ ସୁରତ'ର ସଫଳ ପରୀକ୍ଷଣ

**ନୂଆଦିଲ୍ଲୀ, ୨୪।୪**

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ-ପାକିସ୍ତାନ ସମ୍ପର୍କ ଏକ ଉତ୍ତେଜନାପୂର୍ଣ୍ଣ ପର୍ଯ୍ୟାୟ ଦେଇ ଗତି କରୁଛି। ଏହି ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ପରେ, ଭାରତ ଏକ କଠୋର ନିଷ୍ପତ୍ତି ନେଇ ପାକିସ୍ତାନ ବିରୋଧରେ ୫ଟି ବଡ଼ ନିଷ୍ପତ୍ତି ନେଇଛି ଯାହାର ଜବାବରେ ଆଜି ପାକିସ୍ତାନ ମଧ୍ୟ ଭାରତ ବିରୋଧରେ ସମାନ ୫ଟି ବଡ଼ ନିଷ୍ପତ୍ତି ନେଇଛି । ଭାରତ ଏବଂ ପାକିସ୍ତାନ ଉତ୍ତେଜନା ମଧ୍ୟରେ, ଗୁରୁବାର ଭାରତୀୟ ନୌସେନାର କ୍ଷେପଣାସ୍ତ୍ର ବିଧ୍ୱଂସକ ଆଇଏନ୍ଏସ ସୁରତର ସଫଳ ପରୀକ୍ଷଣ କରିଛି । କୁହାଯାଉଛି ଯେ, ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ ପ୍ରାୟ ୭୦ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ପଦକ୍ଷେପ ସବୁ ଆରମ୍ଭ ହେଲାଣି
ପାକିସ୍ତାନ ଝାଳନାଳ
ଭାରତ ଆଖିରେ ନିଆଁ ଝଲସୁଛି
ଲାଗୁଛି ହୋଇବ କାଳ
ପାକିସ୍ତାନ ବ୍ରେନ୍ ଏବେ ଝୋଳ
ପାଣି ବିନା ପ୍ରଥମେ ମରିବ
ତା'ପରେ ଉଡିବ ଚାଳ।

# ଖାଁ ଖାଁ ଡାଲ ହ୍ରଦ, ପଳାୟନ କରୁଛନ୍ତି ପର୍ଯ୍ୟଟକ



**ନୂଆଦିଲ୍ଲୀ, ୨୪।୪**

ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୫ ଜଣ ପର୍ଯ୍ୟଟକ ଏବଂ ଜଣେ କଶ୍ମୀରୀଙ୍କ ମୃତ୍ୟୁ ଘଟିବାର ୪୮ ଘଣ୍ଟାରୁ କମ ସମୟ ମଧ୍ୟରେ ଉପତ୍ୟକାର ଦୃଶ୍ୟ ଦୁଇ ଦିନ ପୂର୍ବରୁ ଥିବା ଅବସ୍ଥାଠାରୁ ସମ୍ପୂର୍ଣ୍ଣ ବଦଳି ଯାଇଛି। ଶ୍ରୀନଗର ଅଭିମୁଖେ ଯାଉଥିବା ବିମାନଗୁଡ଼ିକ ଖାଲି ରହୁଛି ଏବଂ ଉପତ୍ୟକାରୁ ବାହାରୁଥିବା ବିମାନଗୁଡ଼ିକ ପଳାୟନ କରୁଥିବା ଲୋକଙ୍କ ସହ ଭରି ରହୁଛି।

କଶ୍ମୀରର ଅତୁଳନୀୟ ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରତୀକ ଡାଲ ହ୍ରଦ ଏବେ ନିର୍ଜନ ପାଲଟିଛି, ଯାହା ଦୁଇ ଦିନ ପୂର୍ବରୁ ଥିବା ଜନଗହଳି ଦୃଶ୍ୟଠାରୁ ବହୁ ଦୂରରେ। ଦୁଇ ଦିନ ପୂର୍ବ ପର୍ଯ୍ୟନ୍ତ ବହୁ ଚାହିଦାରେ ଥିବା ଶିକାରାଗୁଡ଼ିକ ଏବେ ପର୍ଯ୍ୟଟକଙ୍କ ଅପେକ୍ଷାରେ ଦୀର୍ଘ ସମୟ ପାଇଁ ଅଟକି ରହିଛି । ପର୍ଯ୍ୟଟକଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ, ଯାହା ଏକ ବଡ଼ ସୀମା ଅତିକ୍ରମ କରିଛି, ଉପତ୍ୟକାକୁ ପୁନରୁଦ୍ଧାରର ପଥରୁ ଅନ୍ଧକାର ଆତଙ୍କବାଦୀ ଦିନକୁ ପଛକୁ ନେଇଛି।

ସ୍ଥାନୀୟ ହୋଟେଲ ମାଲିକ ଏବଂ ବ୍ୟବସାୟୀମାନେ ଏହି ଆକ୍ରମଣ ବିରୁଦ୍ଧରେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରୁଛନ୍ତି, ଯାହା ରେକର୍ଡ ପର୍ଯ୍ୟଟକ ଆଗମନର ଏକ ଋତୁକୁ ବ୍ୟାହତ କରିଦେଇଛି । ଉପତ୍ୟକାର ପ୍ରସିଦ୍ଧ କାରିଗରମାନେ ଭବିଷ୍ୟତ *(ପୃଷ୍ଠା ୭ରେ)*

# ଆଉ ଦୁଇଦିନ ଗ୍ରୀଷ୍ମ ତାତି ଓ କାଳବୈଶାଖୀ



**ଭୁବନେଶ୍ୱର, ୨୪।୪**
**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ଓଡ଼ିଶାର କିଛି ଅଞ୍ଚଳରେ ଗ୍ରୀଷ୍ମ ଲହରୀ ପ୍ରବାହିତ ହୋଇଥିବା ବେଳେ ରାଜ୍ୟର ଅନେକ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିଥିଲା। ଏନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଆଲର୍ଟ ଜାରି କରିଛି । ଆଇଏମଡି ପୂର୍ବାନୁମାନ କରିଛି ଯେ ୨୬ ଏପ୍ରିଲ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ତୀବ୍ର ଗ୍ରୀଷ୍ମ ଲହରୀ, ଗୁଳୁଗୁଳି ଏବଂ ରାତି ସମୟରେ ମଧ୍ୟ ପ୍ରବଳ ଗରମ ଅନୁଭବ ହେବାର ସମ୍ଭାବନା ରହିଛି।

ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝରଗଡ଼ ଏବଂ ଢେଙ୍କାନାଳରେ ଗରମ ଏବଂ ଆର୍ଦ୍ର ପାଣିପାଗ ପରିସ୍ଥିତି ବଳବତ୍ତର ହେବ ବୋଲି ଆଇଏମଡି *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଅପ୍ରେଲ, ଶୁକ୍ରବାର ୨୦୨୫





# ଜାରି ହେଲା ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶ : ଟପ୍-୧୦ରେ ଭାରତ

**ନୂଆଦିଲ୍ଲୀ**

ସାରା ବିଶ୍ୱରେ ଏବେ ଉତ୍ତେଜନା ଲାଗି ରହିଛି । ସବୁ କୋଣ କୌଣସି ନା କୌଣସି ସଂଘର୍ଷ ଦେଇ ଗତି କରୁଛନ୍ତି । ଏଭଳି ସ୍ଥିତିରେ ସବୁ ଦେଶ ନିଜର ସାମରିକ କ୍ଷମତା ମଜଭୁତ କରିବାରେ ଲାଗିଛନ୍ତି । ଗ୍ଲୋବାଲ ଫାୟାର ପାୱାର ୨୦୨୪ର ସାମରିକ ଶକ୍ତି ର୍ୟାଙ୍କିଙ୍ଗ ଜାରି କରିଛି । ଏଥିରେ ବିଶ୍ୱର ସବୁଠୁ ଶକ୍ତିଶାଳୀ ୧୦ ଦେଶଙ୍କ ସୂଚୀ ସାମ୍ନାକୁ ଆସିଛି । ଯୁକ୍ତରାଷ୍ଟ୍ର ଆମେରିକା ଗ୍ଲୋବାଲ ଫାୟାର ପାୱାର ଇଣ୍ଡେକ୍ସରେ ୦.୦୭୪୪ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ରହିଛି ।



ଆମେରିକାର ୨,୧୨୭,୫୦୦ ସୁଶିକ୍ଷିତ ସୈନ୍ୟ କର୍ମଚାରୀ ଥିବା ବେଳେ ୧୩,୦୪୩ଟି ଯୁଦ୍ଧ ବିମାନ ଓ ୪,୬୪୦ଟି ଟ୍ୟାଙ୍କ ଅଛି । ଏହା ପଛକୁ ଋଷିଆ ୦.୦୭୮୮ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି । ଋଷିଆ ନିକଟରେ ୩,୫୭୦,୦୦୦ସେନା କର୍ମଚାରୀ ଥିବା ବେଳେ ୪,୨୯୨ଟି ଯୁଦ୍ଧ ବିମାନ, ୫,୭୫୦ଟି ଟ୍ୟାଙ୍କ ରହିଛି । ଋଷିଆର ଶକ୍ତି ଓ ସାମରିକ ବଳକୁ ସାରା ଦୁନିଆ ସ୍ୱୀକାର କରିଛି । ଏହା ପଛକୁ ଚୀନ୍‌କୁ ମଧ୍ୟ ୦.୦୭୮୮ ପଏଣ୍ଟ ମିଳିଛି । ତେବେ କିଛି ମାନକରେ ସେ ଋଷିଆ ଠାରୁ ପଛରେ ତୃତୀୟ ସ୍ଥାନରେ ରହିଛି ।

ଚୀନର ୩,୧୭୦,୦୦୦ ସାମରିକ କର୍ମଚାରୀ ଥିବା ବେଳେ ୩,୩୦୯ଟି ଯୁଦ୍ଧବିମାନ ଓ ୬,୮୦୦ଟି ଟ୍ୟାଙ୍କ ଅଛି । ଏଥିରେ ଚୀନ୍‌ର ପଡ଼ୋଶୀ ଭାରତକୁ ୦.୧୧୮୪ ପଏଣ୍ଟ ସହିତ ଚତୁର୍ଥ ସ୍ଥାନ ମିଳିଛି । ଭାରତର ୫,୧୩୭,୫୫୦ ସାମରିକ କର୍ମଚାରୀ ଥିବା ବେଳେ ୨,୨୨୯ଟି ଯୁଦ୍ଧ ବିମାନ ଓ ୪,୨୦୧ଟି ଟ୍ୟାଙ୍କ ଅଛି । ଭାରତର ବଢୁଥିବା ସାମରିକ ଶକ୍ତି ସାରା ଭାରତ ପାଇଁ ଏକ ଗୌରବର କଥା । ଭାରତ ପଛକୁ ଦକ୍ଷିଣ କୋରିଆକୁ ୦.୧୬୫୬ ପଏଣ୍ଟ ମିଳିଥିବା ବେଳେ ଭାରତ ପଛକୁ ପଞ୍ଚମ ସ୍ଥାନରେ ରହିଛି ।

ଦକ୍ଷିଣ କୋରିଆର ୩,୮୨୦,୦୦୦ ସେନା କର୍ମଚାରୀ ଅଛନ୍ତି । ୧,୫୯୨ଟି ଯୁଦ୍ଧ ବିମାନ ଥିବା ବେଳେ ୨,୨୩୬ଟି ଟ୍ୟାଙ୍କ ଅଛି । ଦକ୍ଷିଣ କୋରିଆ ବିଶ୍ୱର ୫ମ ବୃହତ୍ତ ସାମରିକ ଶକ୍ତି । ଏହି ତଥ୍ୟରୁ ଏହା ସ୍ପଷ୍ଟ ଯେ ଏସିୟାର ୩ଟି ଦେଶ ଚୀନ୍, ଭାରତ ଓ ଦକ୍ଷିଣ କୋରିଆ ଶୀର୍ଷ ୫ଟି ଦେଶଙ୍କ ସୂଚୀରେ ଅଛନ୍ତି । ଯାହା ଏହି କ୍ଷେତ୍ରର ସାମରିକ ପ୍ରସ୍ତୁତିକୁ ଦର୍ଶାଉଛି । ତେବେ ଆଗାମୀ ସମୟରେ ବୈଶ୍ୱିକ ସୈନ୍ୟ ସମିକରଣରେ ଆହୁରି ବି ପରିବର୍ତ୍ତନ ଆସିପାରେ ।

# ସହରର ମୁଖ୍ୟ ରାସ୍ତା ବନ୍ଦ : ଜନ ଅସନ୍ତୋଷ ବୃଦ୍ଧି

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର ସହରର ଜନଗହଳି ପୂର୍ଣ୍ଣ ମୁଖ୍ୟ ରାସ୍ତା ବିଜୁ ପଟ୍ଟନାୟକ ଛକ ଠାରୁ ବଡ଼ବଜାରର ଦୁର୍ଗା ମଣ୍ଡପ ଛକରେ ମ୍ୟୁନିସିପାଲଟି ତରଫରୁ ମୁଖ୍ୟ ନାଳ ଉପରେ ନୂଆ କଲଭର୍ଟ କାମ ଓ ବଡ଼ବଜାରରୁ ସର୍କିଟ ହାଉସ ରାସ୍ତା ଉପରେ କୁମ୍ଭାରପଡ଼ା ଠାରେ କଲଭର୍ଟ ପାଇଁ ଟେଣ୍ଡର ହୋଇଥିଲା । ସଂପୃକ୍ତ ଠିକାଦାର ଦୀର୍ଘ ୨ ମାସ ହେଲା ମୁଖ୍ୟ ରାସ୍ତା ଖୋଳି ପକେଇଲେ କିନ୍ତୁ କାମ ଶୀଘ୍ର କରି ନ ପାରିବାରୁ ବ୍ୟାପକ ଜନ ଅସନ୍ତୋଷ ବୃଦ୍ଧି ପାଇଛି । ସହରର ବ୍ୟସ୍ତ ବହୁଳ ତଥା ବ୍ୟବସାୟୀ ପ୍ରତିଷ୍ଠାନ ଥିବା ଜନଗହଳି ପୂର୍ଣ୍ଣ ପୁରୁଣା ବସ୍ତି ରାସ୍ତାରେ ସେପଟେ ଯାହା ଜଣାପଡୁଛି ବିନା ପ୍ଲାନିଙ୍ଗରେ ଚାଲିଛି ସହରର ମୁଖ୍ୟ ରାସ୍ତା କଡ଼ ନାଳ ଏବଂ ଡ୍ରେନ ତଥା କଲଭର୍ଟ କାମ । କାରଣ ଯଦି ବିଭାଗ ପକ୍ଷରୁ କଲଭର୍ଟ ଟିକୁ ପୂରା ନ ଭାଙ୍ଗି ଅଧା ଭଙ୍ଗା ଯାଇ କାମ ସରିଲା ପରେ ପୁଣି ଅଧା ଭାଙ୍ଗି କାମ କରାଯାଇ ଥାଆନ୍ତା ତା'ହେଲେ ସାଧାରଣ ଲୋକ, ବ୍ୟବସାୟୀ, ବରିଷ୍ଠ ନାଗରିକ ତଥା ସ୍କୁଲ ଛାତ୍ରଛାତ୍ରୀ, ଦିବ୍ୟାଙ୍ଗମାନଙ୍କୁ ଏତେ



ହଇରାଣ ହରକତ ହେବାକୁ ପଡ଼ି ନ ଥାଆନ୍ତା । ଆଉ ଯଦି ପୂରା ଭାଙ୍ଗି କାମ କରିବା ଥିଲା ତା ହେଲେ ଆବଶ୍ୟକ ସାମଗ୍ରୀ ସଂପୃକ୍ତ ଠିକାଦାର ଷ୍ଟକ୍ ରଖିବା ପରେ କାମ ଶୀଘ୍ର ସାରିବାର ଥିଲା । ଜିଲ୍ଲା ପ୍ରଶାସନ ଉକ୍ତ କାମରେ ତୁରନ୍ତ ହସ୍ତକ୍ଷେପ କରି କାମ ଶୀଘ୍ର କରିବା ସହ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଦେବା ସହ ଜିଲ୍ଲା ପ୍ରଶାସନ ପୌର ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ଜନସାଧାରଣ, ବ୍ୟବସାୟୀ ତଥା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ବଲାଣି ଖଣି ଅଞ୍ଚଳରେ ବେଆଇନ ମଦ କାରବାର

# ଅନ୍ଧାରକୁ ଠେଲି ହେଉଛନ୍ତି ଯୁବଗୋଷ୍ଠୀ : ଅସଲି ବଦଳରେ ମିଳୁଛି ନକଲି ମଦ

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାର ସୀମାନ୍ତ ଖଣି ଅଞ୍ଚଳ ବଲାଣିରେ ବୃଦ୍ଧି ପାଉଛି ବେଆଇନ ମଦ କାରବାର । ଖୋଲାଖୋଲି ବେଆଇନ ମଦ କାରବାର ହେଉଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ଅବକାରୀ ବିଭାଗ । ଏ ସମ୍ପର୍କରେ ତଥ୍ୟ ସହିତ ବାରମ୍ବାର ଖବର ପ୍ରକାଶନ ହେଲା ପରେ ମଧ୍ୟ ଦୃଷ୍ଟି ଦେଉନାହିଁ ବିଭାଗ । ଅଞ୍ଚଳରେ ବେଆଇନ ଦେଶୀ ବିଦେଶୀ ମଦ ସାଧାରଣ ସ୍ଥାନରେ ବିକ୍ରି ଚିନ୍ତାର କାରଣ ହୋଇଥିବା ବେଳେ ନକଲି ମଦ ଲୋକଙ୍କୁ ରୋଗାଗ୍ରସ୍ତ କରୁଛି ବୋଲି ଅଭିଯୋଗ ହେଉଛି । ଗଳି ଗଳିରେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେବା ଦ୍ୱାରା ଅତି ସହଜରେ ହାତପାହାନ୍ତାରେ ଏହି ବେଆଇନ ମଦ ମିଳିଯାଉଥିବାରୁ ଅଳ୍ପ ବୟସର ପିଲାମାନେ ଉକ୍ତ ନିଶା ସାମଗ୍ରୀର ବଶବର୍ତ୍ତୀ ହେଉଛନ୍ତି । ଯାହା ଫଳରେ ଅଞ୍ଚଳର ଯୁବ ଗୋଷ୍ଠୀ ଭବିଷ୍ୟତ ଗଢ଼ିବା ପୂର୍ବରୁ ତାଙ୍କର ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଉଛି । ବଲାଣି ଥାନା ଅଂଚଳରେ ଦୁଇଟି ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନ ରହିଛି । ସେଥି ମଧ୍ୟରୁ ଗୋଟିଏ ଠିପି ବନ୍ଦ ବିଦେଶୀ ମଦ ଦୋକାନ ବାଲାଗୋଡା ବସ୍ତି ବଡ଼ବିଲ - କିରିବୁରୁ ମୁଖ୍ୟ ରାସ୍ତା କଡ଼ରେ ରହିଥିବା ବେଳେ ଅନ୍ୟ ଗୋଟିଏ ଠିପି ଖୋଲା ବିଦେଶୀ ମଦ ଦୋକାନ ଉକ୍ତ ମୁଖ୍ୟ ସଡ଼କର ଡର୍ବୀ ଛକ ନିକଟରେ ରହିଛି । ଏହି ଦୁଇଟି ମଦ ଦୋକାନରୁ ବଲାଣି ଅଞ୍ଚଳର ଶାନ୍ତି ନଗର, ଗୁରୁଦ୍ୱାରା ହଟିଂ, ବାକରାଡ଼ିପା, ଆତ୍ରି ହଟିଂ, ଶଙ୍ଖଝର, ଲସର୍ଦା, ହରମଠ, କିରିବୁରୁ ବେସ୍ କ୍ୟାମ୍ପ, କିରିବୁରୁ ହିଲଟପ୍ ଆଦି ଅଞ୍ଚଳକୁ ବହୁଳ ମାତ୍ରାରେ ମଦ ଚୋରା ଚାଲାଣ କରାଯାଇଥାଏ । ଏହି ଚୋରା କାରବାରରେ ନକଲି ମଦ ମଧ୍ୟ ଚୋରା ଚାଲାଣ କରାଯାଇ ଅଞ୍ଚଳରେ ବିକ୍ରି କରାଯାଉଥିବା ନେଇ ଅନେକ ଦିନରୁ ଅଭିଯୋଗ ହୋଇଆସୁଛି । ଏହି ଚୋରା ଚାଲାଣ ସମ୍ପୃକ୍ତ ସ୍ୱୀକୃତିପ୍ରାପ୍ତ ମଦ ଦୋକାନର କର୍ମଚାରୀମାନେ କରୁଥିବା ବେଳେ ସମସ୍ତ ତଥ୍ୟ ଥାଇ ଅବକାରୀ ବିଭାଗ ନିରବଦ୍ରଷ୍ଟା ପାଲଟିଛି । ଏହା ବ୍ୟତୀତ ଝାଡ଼ଖଣ୍ଡ ଅଞ୍ଚଳରୁ ମଧ୍ୟ ନକଲି ମଦ ବୋତଲ ବଲାଣି ଅଞ୍ଚଳରେ ବେଆଇନ ଭାବେ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇ ଆସୁଅଛି । ବଲାଣି ଅଞ୍ଚଳରେ ଖୋଲା ଖୋଲି ଭାବରେ ଏହି ବେଆଇନ ମଦ କାରବାର ହେଉଥିଲେ ସୁଦ୍ଧା ଏଠାରେ ଅବକାରୀ ବିଭାଗର କର୍ମଚାରୀ ନିଜ ପକେଟକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ଆଲୋଚନା ହେଉଥିବା ବେଳେ ବିଭାଗର କାର୍ଯ୍ୟକାରିତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଉକ୍ତ ଚୋରା ବେପାରୀଙ୍କୁ ସୁରକ୍ଷା ଓ ପ୍ରଶୟ ଦେଉଥିବା ଅଭିଯୋଗ ହେଉଛି । ତେବେ ଅବକାରୀ ବିଭାଗ ଅଞ୍ଚଳରେ ବିକ୍ରି କରୁଥିବା ବେଆଇନ ମଦ ବେପାରୀ ସମେତ ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ଗୁଡ଼ିକରେ ଚଢ଼ଉ କରାଗଲେ ନକଲି ମଦର ରହସ୍ୟ ଉନ୍ମୋଚନ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ସମ୍ବଲପୁରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ପାଇଁ ଦାବି

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁରୀ ଭାଷାକୁ ବିଭିନ୍ନ କ୍ଷେତ୍ରରେ ସରକାରୀ ସ୍ତରରେ ମାନ୍ୟତା ଦିଆଯାଇଛି । ତଥାପି ସାମ୍ବିଧାନିକ ମାନ୍ୟତା ପାଇ ପାରିନାହିଁ । ସେଥିପାଇଁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ ମିଶ୍ରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବା ସହ ଆଲୋଚନା କରାଯାଇଛି । ଆଇଆଇଏମର ନବମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେବା ଅବସରରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜାତୀୟ ଶିକ୍ଷା ନୀତିରେ ମାତୃଭାଷାରେ ଶିକ୍ଷା ଦିଆଯିବା ନେଇ ପ୍ରସ୍ତାବ ରହିଛି । ଏଥିପାଇଁ ଶିଶୁମାନେ ସମ୍ବଲପୁରୀ ଭାଷାରେ ପ୍ରାଥମିକ ଶିକ୍ଷା ନେବା ପାଇଁ ସମ୍ବଲପୁରୀ ପ୍ରାଇମେରୀ ମଧ୍ୟ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉନ୍ମୋଚିତ ହୋଇ ସାରିଛି । ଏହାସହ ସରକାରୀ ସ୍ତରରେ ଆକାଶବାଣୀ ଏବଂ ଦୂରଦର୍ଶନରେ ସମ୍ବଲପୁରୀ ଭାଷାକୁ ଦୀର୍ଘ ବର୍ଷରୁ ମାନ୍ୟତା ମିଳିସାରିଛି । ଏପରିକି ସମ୍ବଲପୁରୀ ଭାଷାରେ ସ୍ୱତନ୍ତ୍ର ଭାବେ ଖବର ମଧ୍ୟ ପ୍ରସାରଣ କରାଯାଉଛି । ଏହାବାଦ କେନ୍ଦ୍ର ସରକାର ସମ୍ବଲପୁରୀ ଭାଷା ସଂସ୍କୃତି କ୍ଷେତ୍ରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଜାତୀୟ ସମ୍ମାନରେ ସମ୍ମାନିତ ମଧ୍ୟ କରି ସାରିଛନ୍ତି । ବର୍ତ୍ତମାନ ସମ୍ବଲପୁରୀ ଭାଷାରେ ବିଭିନ୍ନ ପତ୍ରପତ୍ରିକା ମଧ୍ୟ ପ୍ରକାଶିତ ହୋଇଆସୁଛି । ତେଣୁ ଆଧିକାରିକ ଭାବେ ସମ୍ବଲପୁରୀ ଭାଷାକୁ ମାନ୍ୟତା ଦେଇ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ କରିବାକୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା ।

# କୋର୍ଟ ସ୍ଥାନାନ୍ତର ନକରିବା ପାଇଁ ବାର୍ ଆସୋସିଏସନର ଆନ୍ଦୋଳନ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ପୁରୀ କୋର୍ଟ ସ୍ଥାନାନ୍ତର ପ୍ରତିବାଦରେ ପୁରୀ ବାର ଆସୋସିଏସନ ସଭାଗୃହରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଘର ସଭାପତି ପ୍ରେମାନନ୍ଦ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଶରତ ରାୟଗୁରୁ ଏଜେଣ୍ଡା ସମ୍ପର୍କରେ ଆଲୋକପାତ କରିଥିଲେ । କୋର୍ଟ ନଉଠିବା ପାଇଁ ଆନ୍ଦୋଳନକୁ ଜୋରଦାର କଲେ ସରକାରଙ୍କ କାନରେ ପ୍ରତିବାଦର ସ୍ୱର ବାଜିବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ମତ ଦେଇଥିଲେ । ପ୍ରତିବାଦ ସ୍ୱରୂପ ଆଇନଜୀବୀଙ୍କ ସହ ବିଭିନ୍ନ ଦଳର ନେତୃବୃନ୍ଦ, ବିଭିନ୍ନ ସାହିର ମୁରବି ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ମିଶି ଶାନ୍ତିପୂର୍ଣ୍ଣ ଉପାୟରେ ଶୋଭାଯାତ୍ରା ଓ ସାଧାରଣ ସଭା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଆନ୍ଦୋଳନର ରୂପରେଖକୁ ତ୍ୱରାନ୍ୱିତ କରିବା ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ କରାଯିବ । ମୁଖ୍ୟମନ୍ତ୍ରୀ, ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସହ ମଧ୍ୟ ଆଲୋଚନା କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ କହିଲେ, ଏହି କୋର୍ଟ ସ୍ଥାନଟିକୁ କେଉଁ ମୁଷ୍ଟିମେୟ କମ୍ପାନୀକୁ ଦେବେ ତାହା ଆଗରୁ ସ୍ଥିର କରି କୋର୍ଟ ଉଠାଇବା ନିଷ୍ପତ୍ତି ସରକାର ନେଇଛନ୍ତି । କୋର୍ଟ ସଂଲଗ୍ନ ସରକାରୀ କାର୍ଯ୍ୟାଳୟ ଓ ବାସଭବନକୁ ମିଶାଇ ଦେଲେ ୫ ଏକର ଜାଗା ହେବ । ପୁରୀର ଐତିହ୍ୟକୁ ଧ୍ୱଂସ କରିବା ପାଇଁ ଏହା ଏକ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର ବୋଲି କହିଥିଲେ । ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପାଇଁ ପରାମର୍ଶ ଦେଇଥିଲେ । ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଆନ୍ଦୋଳନକୁ ସମସ୍ତ ସହଯୋଗ ଯୋଗାଇବା ସହ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବେ ବୋଲି କହିଥିଲେ । ଏହି ପ୍ରତିବାଦ ସଭାରେ ଆଇନଜୀବୀ ତଥା ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ, ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ ଓ ଏ. ବିଶୁରାଓ, ସିପିଏମ ନେତା ଜଗନ୍ନାଥ ଦେଓ, ବିଶ୍ୱାବସୁ ସେବକ ବିନାୟକ ଦାସମହାପାତ୍ର, ବିଜେପି ନେତା ରବିନାରାୟଣ ଦାଶ, ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ଆପ୍‌ର ନେତା ସଞ୍ଜୀବ ମହାନ୍ତି, ଉତ୍ତରପାର୍ଶ୍ୱ ମଠ ମଠାଧୀଶ ନାରାୟଣ ରାମାନୁଜଦାସ, ସିପିଆଇ ଏମଏଲ ନେତା ମୋହନ ନାଇଡୁ, କଂଗ୍ରେସ ନେତା ଇଂ. ରାଜେଶ ମିଶ୍ର ଯୋଗଦେଇ ଆନ୍ଦୋଳନକୁ ସମର୍ଥନ କରିଥିଲେ । ଏହା ସହ ଆଠ ସାହି ଆଖଡ଼ାର ନରେନ୍ଦ୍ର ମହାନ୍ତି, ବିଶୁନି ଜାଗାର ସଭ୍ୟ ତଥା ଆଇନଜୀବୀ ରାମଚନ୍ଦ୍ର ମହାପାତ୍ର, ପରିବର୍ତ୍ତନ ଓଡ଼ିଶାର ଅଧ୍ୟକ୍ଷ ଜିତେନ୍ଦ୍ର ମହାପାତ୍ର, ସାମ୍ବାଦିକ ବିଶ୍ୱଜିତ ମିଶ୍ର ଓ ମଧୁସୂଦନ ମିଶ୍ର, ଭୂସମ୍ପତି ସୁରକ୍ଷା ପରିଷଦର ଉପସଭାପତି ବିରେନ୍ଦ୍ର ଭୂଷଣ ହୋତା, ବିଜେଡି ନେତା ଭକ୍ତ ଚରଣ ଦାସ, ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ, ଓକିଲ ସଂଘର ପୂର୍ବତନ ସଭାପତି ପ୍ରଶାନ୍ତ ମିଶ୍ର, ବିଜୟ କୁମାର ମିଶ୍ର ଓ ଆଦିତ୍ୟ ହୃଦୟ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନର ରୂପରେଖକୁ ଜୋରଦାର କରିବା ପାଇଁ ମତ ଦେଇଥିଲେ । ଶେଷରେ ସଂଘର ଉପସଭାପତି ବିଭୁଦତ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଣିକୋଇଲି ପୁଲିସ ପକ୍ଷରୁ ଚଢ଼ଉ : ୪ ବାଲି ଗାଡ଼ି ଜବତ

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

ପାଣିକୋଇଲି ପୁଲିସ ଏବେ ଆକ୍ସନ ମୁଡ୍‌ରେ ରହିଛି । ବେଆଇନ ବାଲିଗାଡ଼ି ଧରିବାରେ ରାତିଦିନ ଏକ କରଛି ପୁଲିସ । ରାତି ପାଟ୍ରୋଲିଂ ଦାୟିତ୍ୱରେ ଥିବା ସବଇନ୍ସପେକ୍ଟର ବିଶ୍ୱ ରଂଜନ ଦାସ ବେଆଇନ ବାଲି ଗାଡ଼ିକୁ ଯାଞ୍ଚ କରିବାରେ ୩ଟି ବାଲି ବୋଝେଇ ହାଇୱାର କାଗଜ ପତ୍ର ନଥିବାରୁ ସେମାନଙ୍କୁ ଧରି ଥାନାକୁ ନେବା ସହ ତିନି ଚାଳକକୁ ଅଟକ ରଖି ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି । ଅପରପକ୍ଷେ ବେଆଇନ ଗାଡ଼ି ଚଳାଚଳ ଦେଖି କିଛି ଯୁବକ ନିଜକୁ ସରକାରୀ ଦଳର କୁଜି ନେତା ବୋଲାଇ ବାଲି ଗାଡ଼ିଗୁଡ଼ିକୁ ଅଟକାଇ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ବେଳେ ଯେଉଁ ଗାଡ଼ି ସେମାନଙ୍କୁ ଚାନ୍ଦା ନଦେଲା ସେମାନଙ୍କୁ ପୁଲିସ ଡକାଇ ଗାଡି ଧରାଉଥିବା ଦେଖାଯାଇଛି । ବେଆଇନ ବାଲି ଚାଲାଣ ଏବେ ଏକ ନିତିଦିନିଆ ପ୍ରକ୍ରିୟା ଭାବେ ଉଭା ହୋଇଛି । ରାଜନେତାଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ମାସିକିଆ ବଟି ନେଇ ଏହି ବେଆଇନ ପକ୍ରିୟା ଜାରି ରଖିଥବା ଅଭିଯୋଗ ହେଉଛି ।

# ଚାଲାଣ ବେଳେ ମଦ ଜବତ : ୨ ଗିରଫ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ଅବକାରୀ ଥାନା ପକ୍ଷରୁ ଖଇରିମୁଣ୍ଡି ଓ କୋଟା ଅଞ୍ଚଳରେ ଚଢ଼ଉ କରି ଦେଶୀ ମଦ ଜବତ କରିବା ସହ ୨ଜଣ ମହିଳାକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଅବକାରୀ ଥାନା ଅଧିକାରୀମାନେ ଜୟପୁର ସଦରଥାନା ଅଞ୍ଚଳର ଖଇରିମୁଣ୍ଡି ଗ୍ରାମରେ ଚଢ଼ଉ କରି ଇରାମତୀ ଦିଶାରିଙ୍କ ଠାରୁ ୯ ଲିଟର ଦେଶୀ ମଦ ଜବତ କରିଥିଲେ । ସେହିପରି କୋଟା ଗ୍ରାମର ଟୁନୀ ଖୋସ୍ଲାକୁ ଗିରଫ କରି ୮ ଲିଟର ଦେଶୀମଦ ଜବତ କରିଛନ୍ତି । ଉଭୟଙ୍କ ଠାରୁ ମୋଟ ୧୭ ଲିଟର ଦେଶୀ ମଦ ଜବତ କରି କୋର୍ଟ ଚାଲାଣ କରାଯାଇଥିବା ଏସଆଇ ସୁବ୍ରତ ହିରଣ ସୂଚନା ଦେଇଛନ୍ତି ।

# ଆରଏସପି ୩ୟ ରେଳ ଲାଇନ ନିର୍ମାଣକୁ ବିରୋଧ : ବସ୍ତି ବାସିନ୍ଦା ଓ ପୁଲିସ ମୁହାଁମୁହିଁ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ରାଉରକେଲା ଇସ୍ପାତ କାରଖାନା ଜମି ଉପରେ ଦୀର୍ଘ ବର୍ଷ ବର୍ଷ ଧରି ଜବରଦଖଲ କରି ରହିଥିବା ବସ୍ତିବାସିନ୍ଦା ସଂପୃକ୍ତ ଜାଗା ଛାଡୁ ନଥିବା ବେଳେ ଆରଏସପିର ସଂପ୍ରସାରଣ ଲାଗି ଆବଶ୍ୟକ ହେଉଥିବା ୩ୟ ରେଳ ଲାଇନ ନିର୍ମାଣ କାମ ଚାଲିବା ବେଳେ ବସ୍ତିବାସିନ୍ଦା ଏହାକୁ ବିରୋଧ କରିଥିଲେ । ଏହି ସମୟରେ ବସ୍ତିବାସୀ ଓ ପୁଲିସ ମୁହାଁମୁହିଁ ହେବାରୁ ଏକ ଜେସିବିରେ ଚାପି ହୋଇ ଜଣେ ଯୁବକର ମୃତ୍ୟୁ ହେବା ଘଟଣା ସେ ଅଞ୍ଚଳରେ ତୀବ୍ର ଉତ୍ତେଜନାର କାରଣ ହୋଇଛି । ମୃତ ଯୁବକର ନାମ ଏତୁଆ ଏକ୍କା ।

ଘଟଣାରୁ ପ୍ରକାଶ ଯେ, ରାଉରକେଲା ଇସ୍ପାତ କାରଖାନାର ସଂପ୍ରସାରଣ ଲାଗି ଆବଶ୍ୟକ ହେଉଥିବା ଜମି ଉପରେ ବନ୍ଧମୁଣ୍ଡା ଓ ସିଭିଲ ଟାଉନ ଅଞ୍ଚଳରେ ଅନେକ ବସ୍ତି ଦୀର୍ଘ ଦିନରୁ ରହିଛି । ଏଗୁଡିକୁ ଉଠାନଗଲେ ଆରଏସପି ସଂପ୍ରସାରଣ ହେବା ସମ୍ଭବ ନୁହେଁ । ତେଣୁ ବସ୍ତି ବାସିନ୍ଦାଙ୍କୁ ବୁଝାବୁଝି କଲା ପରେ କିଛି ସେ କଥାକୁ ବୁଝି ଯାଇଥିବା ବେଳେ କିଛି ବସ୍ତିବାସୀ ସେ ଜାଗା ଛାଡିବାକୁ ନାରାଜ ଥିଲେ । ଏଭଳି ଲୋକଙ୍କ ପଛରେ କିଛି ବ୍ୟକ୍ତି ରହିନ୍ତି ଯେଉଁମାନେ ଜବର ଦଖଲ କରିବାରେ ଏକ ପ୍ରକାର ମାଫିଆ । ସେମାନେ ସରକାରୀ ଜମି ନିଜେ ଜବରଦଖଲ କରିବା ସହ ସେଠାରେ ଘର କରି ରହି କିଛି ଘର ସେଠାରେ ତିଆରି କରି ଭଡା ମଧ୍ୟ ଲଗାଇଛନ୍ତି । ଏଭଳି ବ୍ୟକ୍ତିଙ୍କ ଭିତରେ ଆମ ବ୍ୟବସ୍ଥାରେ ଥିବା କିଛି ଆଗ ଧାଡିର ଲୋକ ମଧ୍ୟ ରହିଛନ୍ତି । ନିଜକୁ ଆଗ ଧାଡ଼ିର ଲୋକ କହି ପ୍ରଶାସନର ଭୁଲକୁ ଧରୁଥିବା ଲୋକେ ଏହି ବସ୍ତି ବାଲାଙ୍କୁ ଭଡକାଇ ପୁଲିସ ବିରୋଧରେ ଲଢେଇ କରାଉଥିବା କଥା ମଧ୍ୟ ଆଲୋଚନା ଚାଲିଛି । ତେବେ ବରକାନି ଅଞ୍ଚଳରେ ଆରଏସପି ତା'ର ୩ୟ ରେଳ ଲାଇନ ଲାଗି କାମ କରୁଥିବା ବେଳେ ଏଭଳି କାମକୁ ବିରୋଧ କରୁଥିବା ଲୋକ ଓ ଠିକାଦାରଙ୍କ ଭିତରେ ମୁହାଁମୁହିଁ ହେବାରୁ ପୁଲିସ ସେଠାରେ ହସ୍ତକ୍ଷେପ କରିଥିଲା, ତାହାରି ଭିତରେ ଲୋକେ କାମ କରୁଥିବା ଜେସିବିକୁ ଅଟକାଉଥିବା ବେଳେ ଜଣେ ଯୁବକ ଜେସିବିରେ ଚାପି ହୋଇ ପ୍ରାଣ ହରାଇଥିଲା । ଏହାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହ ଢେଲା ପଥର ହୋ ହଲ୍ଲା ବଢିଥିଲା । ଏହି କାମ ଜନଶୁଣାଣି ପରେ ହେବା କଥା, ବେଆଇନ ଭାବେ କାମ ହେଉଥିବା କଥା ବସ୍ତି ବାସିନ୍ଦା କହିଥିବା ବେଳେ ପଶ୍ଚିମାଞ୍ଚଳ ଡିଆଇଜି ଓ ପାନପୋଷ ଉପଜିଲ୍ଲାପାଳ ତଥା ଏସପି ରାଉରକେଲା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ କଥାକୁ ବୁଝିଥିଲେ ଓ ଆଇନ ଅନୁସାରେ କ'ଣ ହେବ ତାହା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ, ବନ୍ଧମୁଣ୍ଡା ଓ ଆଖପାଖ ଅଞ୍ଚଳରେ ଦୀର୍ଘ ବର୍ଷ ଆଗରୁ ଲୋକେ କିଛି ରେଳବାଇ ଜମି ଓ ଆରଏସପି ଜମି ତଥା ସରକାରୀ ଜମିକୁ ଦଖଲ କରି ରହିଆସୁଛନ୍ତି । ଏଭଳି ଜବର ଦଖଲ ପଛରେ ସମାଜର ବହୁ ଶିକ୍ଷିତ ଓ ପ୍ରଭାବଶାଳୀ କୁହାଯାଉଥିବା ଲୋକଙ୍କର ହାତ ମଧ୍ୟ ରହିଛି, ସେମାନେ ମଧ୍ୟ ଏଭଳି ଜବରଦଖଲ ଭିତରେ ରହିଛନ୍ତି । ଯାହା ଫଳରେ ଗତ ସରକାର ବେଳେ ଆରଏସପି ସଂପ୍ରସାରଣ କାମ ଆରମ୍ଭ ହୋଇପାରିନଥିଲା । ଏଭଳି ଜବର ଦଖଲ ଓ ଭୋଟ ଚାଲିଯିବାର ଭୟ କୁଆଡେ ସେ ସମୟରେ ସରକାରଙ୍କୁ ଭୟଭୀତ କରିଥିଲା । ନେତା ମଧ୍ୟ ଡରିଥିଲେ ଫଳରେ କାମ ଆଗେଇ ପାରିନଥିଲା । ତେବେ ଏହି ନୂଆ ସରକାର ଆସିବା ପରେ ଆରଏସପି ସଂପ୍ରସାରଣ ଲାଗି ଫେରିଯାଇଥିବା ୩୦ ହଜାର କୋଟି ଟଙ୍କା ପୁଣି ଏଠାରେ ବିନିଯୋଗ ହେବା ସହ ସଂପ୍ରସାରଣ ଲାଗି ଆଶା ସଞ୍ଚାର ହୋଇଥିଲା ଯାହା ଫଳରେ କାମ ଆରମ୍ଭ ହୋଇପାରିଥିବା କୁହାଯାଇଛି । ତେବେ ଏଭଳି ଗଣ୍ଡଗୋଳ ପଛରେ କିଛି ବ୍ୟକ୍ତି ରୀତିମତ ତାଙ୍କର ସୁରକ୍ଷା ଲାଗି ଗୋଟିଚାଳନା ଚଳାଇଥିବା ଖବର ମିଳିଛି । ସଂପୃକ୍ତ ବ୍ୟକ୍ତିମାନଙ୍କୁ ଯଦି ରାସ୍ତାକୁ ଅଣା ନଯାଏ ତେବେ ଏହି ପ୍ରକଳ୍ପ ଲାଗି ଅଧିକରୁ ଅଧିକ ସମସ୍ୟା ହେବ ବୋଲି କୁହାଯାଉଛି ।

# ନିଜକୁ ନିଜେ ଗୁଳି କରି ଫସିଲେ ଜେଲ୍ ଫେରନ୍ତା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ବାଲିପାଟଣା ଗୁଳିକାଣ୍ଡ ଘଟଣାରେ ନୂଆ ଟ୍ୱିଷ୍ଟ । ଜେଲ୍ ଫେରନ୍ତା ନିଜକୁ ନିଜେ ଗୁଳି କରି ଶେଷରେ ଫସି ଯାଇଛନ୍ତି ।

ସୂଚନାଯୋଗ୍ୟ, ୨୦୨୪ରେ ଏକ ବଳାତ୍କାର ମାମଲାରେ ଜେଲ୍ ଯାଇ ଫେରିଥିଲେ ଅଭିଯୁକ୍ତ । ତେବେ ବଳାତ୍କାର ପୀଡ଼ିତାଙ୍କ ପରିବାରକୁ ଫସାଇବା ଉଦ୍ୟମ କରି ନିଜେ ରଚିଥିବା ଚକ୍ରବ୍ୟୁହରେ ନିଜେ ଫସିଗଲେ ଅଭିଯୁକ୍ତ । ନିଜକୁ ନିଜେ ଗୁଳି କରି ଅନ୍ୟମାନଙ୍କୁ ଫସାଇବାକୁ ଚାହୁଁଥିଲେ ଅଭିଯୁକ୍ତ । ତାଙ୍କୁ ବନ୍ଧୁକ ଯୋଗାଇଥିବା ବ୍ୟକ୍ତିଙ୍କୁ ମଧ୍ୟ ପୋଲିସ ଅଟକ ରଖିଛି । ଫସାଇବାକୁ ଯାଇ ନିଜେ ଫସିଥିବା ଯୁବକ ଜଣକ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି ।

# ଏସ୍‌ପିଙ୍କୁ ୯ ଦଫା ଦାବିପତ୍ର ଦେଲା ସିଟିଜେନ୍ ଫୋରମ୍

**କେସିଙ୍ଗା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା କେସିଙ୍ଗାସ୍ଥିତ ସିଟିଜେନ ଫୋରମ୍‌ର ସଭାପତି ଡ. ହେମସାଗର ସାହାଙ୍କ ନେତୃତ୍ୱରେ କେସିଙ୍ଗାସହରସ୍ଥିତ ବିଦ୍ୟାପୀଠର ସଭାଗୃହରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବେରା କୋଣ୍ଡା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ କେସିଙ୍ଗା ଏସ୍‌ଡିପିଓ ରଞ୍ଜନ ସେନାପତି, ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାରୀୟ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । କେସିଙ୍ଗା ସହର ବିଭିନ୍ନ ସମସ୍ୟାର ସମାଧାନ ଦେଇ ୯ଦଫା ସମ୍ବଳିତ ଏକ ଦାବିପତ୍ର ଏସ୍‌ପିଙ୍କୁ ଦାବି ଜଣାଇଛନ୍ତି । ଜଗନ୍ନାଥପଡ଼ାରେ ଏକ ଆଉଟ ପୋଷ୍ଟ ସ୍ଥାପନ ପାଇଁ ଦାବି କରାଯାଇଛି । ସହରରେ ବିଭିନ୍ନ ଜାଗାରେ ଚୋରି ହେଉଛି । ଚୋରି ରୋକିବାକୁ ଏସ୍‌ପି.କେସିଙ୍ଗା ଆଇଆଇସିଙ୍କୁ ବିଭିନ୍ନ ଜାଗାରେ ପାଟ୍ରୋଲିଂ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ଓଡ଼ିଶା କ୍ଷେତ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ତିହିଡ଼ି ବ୍ଲକ କମିଟି ପକ୍ଷରୁ ଶନିବାର କ୍ଷେତମଜଦୁର ଓ ଗ୍ରାମୀଣ ଶ୍ରମିକମାନଙ୍କ ଜୀବନ ଜୀବିକା ସୁରକ୍ଷା ଦାବିରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ସିପିଏମ ଆଞ୍ଚଳିକ କମିଟି ସମ୍ପାଦକ ବିଷ୍ଣୁ ଦାଶଙ୍କ ସଭାପତିତ୍ୱରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କ୍ଷେତମଜଦୁର ୟୁନିୟନ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢ଼ୀ, ବରିଷ୍ଠ ଶ୍ରମିକନେତା ନାରାୟଣ ଦାଶ, ମଳୟ ଭୋଇ, ସତ୍ୟବ୍ରତ କୁଣ୍ଡ, ନିର୍ମଳ ଦଳାଇ, ଭାଗବତ ସେନାପତି, ବାଦଲ ଦାସ, ଶ୍ରୀଧର ଜେନା, ମହିଳା ଶ୍ରମିକ କନକଲତା ଦାସ ପ୍ରମୁଖ ଯୋଗ ଦେଇ କ୍ଷେତ ମଜଦୁର ଓ ଗ୍ରାମିଣ ଶ୍ରମିକମାନଙ୍କୁ କାମ, ନାଯ୍ୟ ମଜୁରି, ଖାଦ୍ୟ, ବାସଗୃହ ଓ ସାମାଜିକ ନିରାପତ୍ତା, ନାଗରିକର ସାମ୍ବିଧାନିକ ଅଧିକାର ଇତ୍ୟାଦି ଦାବି ପୂରଣ କରିବା ସହିତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାର ଓଡ଼ିଶାର ମନରେଗା ଶ୍ରମିକମାନଙ୍କ ମଜୁରି ୨୭୨ଟଙ୍କା ଧାର୍ଯ୍ୟ କରିବା ଶ୍ରମିକମାନଙ୍କୁ ଉପହାସ ସହିତ ସମାନ ବୋଲି କହିଥିବା ବେଳେ ଦୈନିକ ମଜୁରି ୬୦୦ଟଙ୍କା କରାଯିବା ଆବଶ୍ୟକ । ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ରାସନକାର୍ଡ଼ ଯୋଗାଇଦେବା, ଭୂମିହୀନ ପରିବାରକୁ ଘରଡ଼ିହ ଓ ବାସଗୃହ ଯୋଗାଇଦେବା, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ମାସିକ ୩ହଜାର ଟଙ୍କା କରିବା, ୩୦୦ୟୁନିଟ୍ ମାଗଣା ବିଜୁଳି ପ୍ରଦାନ କରିବା, ଭାଗଚାଷୀଙ୍କ ପାଇଁ ଆଇନଗତ ବ୍ୟବସ୍ଥା କରିବା, ସମସ୍ତ ଚାଷୀଙ୍କ ଋଣ ଛାଡ଼ କରିବା, ଜଙ୍ଗଲ ଅଧିକାର ଆଇ ଅନୁଯାୟୀ ଜଙ୍ଗଲ ଅଧିକାର ଆଦିବାସୀମାନଙ୍କୁ ଯୋଗାଇ ଦେବା, ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ କରିବା, ସ୍କିମ୍ ପ୍ରଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ଦେବା, ବେକାର ଯୁବକ ଯୁବତୀମାନଙ୍କୁ ବର୍ଷକୁ ୨କୋଟି ନିଯୁକ୍ତି ଦେବା ଇତ୍ୟାଦି ଦାବି କରିଥିଲେ । ଏହି ଦାବି ପୂରଣ କରାନଗଲେ ଆସନ୍ତା ମଇ ୨୦ ତାରିଖରେ ଶ୍ରମିକ କ୍ଷେତମଜଦୁରମାନେ ଶ୍ରମିକ ଧର୍ମଘଟ କରିବାକୁ ଡାକରା ଦେଇଥିଲେ ।

# ପୃଥିବୀ ପରି ଆଉ ଏକ ନୀଳଗ୍ରହ : ବୈଜ୍ଞାନିକଙ୍କ ସନ୍ଧାନରେ ଜୀବନ ସଙ୍କେତ, ମିଳିଲା ଏଲିୟନ ପ୍ଲାନେଟ୍

**ନୂଆଦିଲ୍ଲୀ**

ସୌର ମଣ୍ଡଳର ବାହାରେ ଜୀବନସତ୍ତା । ପୃଥିବୀ ପରି ଆଉ ଏକ ନୀଳଗ୍ରହ । ଜୀବନ ସନ୍ଧାନ କଲେ ବୈଜ୍ଞାନିକ । ମିଳିଲା ଏଲିୟନ୍ ପ୍ଲାନେଟ୍ । ବର୍ଷ ବର୍ଷ ଧରି ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କିମାରୁଛି । କ'ଣ ପୃଥିବୀ ପରି ଅନ୍ୟ କେଉଁ ଗ୍ରହରେ ଜୀବନ ସମ୍ଭବ ? ବ୍ରହ୍ମାଣ୍ଡରେ ଆମେ କ'ଣ ଏକୁଟିଆ । ଏଭଳି କିଛି ପ୍ରଶ୍ନ ଉପରୁ ଏବେ ପରଦା ହଟିବ । ବୈଜ୍ଞାନିକମାନେ ସୌରଜଗତ ବାହାରେ ଜୀବନ ସତ୍ତା ଖୋଜି ବାହାର କରିଛନ୍ତି । ଏହାକୁ ଏଲିୟନମାନଙ୍କ ଗ୍ରହ ବୋଲି କୁହାଯାଉଛି । ପୃଥିବୀ ଠାରୁ ୧୨୪ ଆଲୋକ ବର୍ଷ ବା ୯.୫ ଟ୍ରିଲିୟନ କିଲୋମିଟର ଦୂରତାରେ ରହିଛି । କେ୨-୧୮ବି ନାମକ ଗ୍ରହରେ ଜୀବନ ସତ୍ତା ଥିବା ନେଇ ଅନୁମାନ କରାଯାଉଛି ।

କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଇନଷ୍ଟିଚ୍ୟୁଟ ଅଫ୍ ଆଷ୍ଟ୍ରୋନମିର ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକ ନିକ୍କୁ ମଧୁସୂଦନ ଚାଞ୍ଚଲ୍ୟକର ତଥ୍ୟ ରଖିଛନ୍ତି । ସେ ଜେମ୍ସ ୱେବ୍ ସ୍ପେଶ୍ ଟେଲିସ୍କୋପ୍ ଜରିଆରେ ଗବେଷଣ କରି କେ୨-୧୮ବି ଗ୍ରହ ପର୍ଯ୍ୟନ୍ତ ପହଞ୍ଚିଛନ୍ତି । ଏହି ଏଲିୟନର ସୌର ମଣ୍ଡଳରେ ଏପରି କିଛି ଗ୍ୟାସ୍ ଚିହ୍ନଟ ହୋଇଛି, ଯାହା ଦ୍ୱାରା କେବଳ ନୀଳଗ୍ରହ ଜୀବନ ପ୍ରକ୍ରିୟା ସମ୍ଭବ ହୋଇପାରୁଛି । ତେଣୁ ପୃଥିବୀ ପରି ସେଠାରେ ମଧ୍ୟ ଜୀବନ ସମ୍ଭବ ବୋଲି ଅନୁମାନ କରୁଛନ୍ତି ବୈଜ୍ଞାନିକ ।

ଗ୍ରହରେ ୨ଟି ଗ୍ୟାସ ରହିଛି : କେ୨-୧୮ବି ନାମକ ସେହି ଗ୍ରହରେ ୨ଟି ଗ୍ୟାସ୍ ଡାଇମିଥାଇଲ ସଲଫାଇଡ ବା ଡିଏମଏସ ଓ ଡାଇମିଥାଇଲ ଡାଇସଲଫାଇଡ୍ ଡିଏମଡିଏସ ଥିବା ପ୍ରମାଣ ମିଳିଛି । ଏହି ଦୁଇ ଗ୍ୟାସ୍ ପୃଥିବୀରେ ଜୀବନ୍ତ ପ୍ରାଣୀ ବା ପ୍ରାଥମିକ ଭାବେ ଯାହାକୁ ଫାଇଟୋପ୍ଲାଙ୍କଟନ ବା ଏଲଗି, ବ୍ୟାକ୍ଟେରିଆ ଦ୍ୱାରା ଉତ୍ପନ୍ନ ହୋଇଥାଏ । ଏହା ଅନ୍ତିମ ସଙ୍କେତ ନହେଲେ ବି କେ୨-୧୮ବି ଗ୍ରହରେ ଜୀବନ୍ତ ପ୍ରାଣୀ ଥିବା ଦାବିକୁ ଏଡ଼ାଇ ଦିଆଯାଇପାରିବ । ହେଲେ ପ୍ରଫେସର ନିକ୍କୁ ମଧୁସୂଦନ କହିଛନ୍ତି, ଆସନ୍ତା କିଛି ବର୍ଷ ମଧ୍ୟରେ



ଏଲିୟନ ପାଖରେ ପହଞ୍ଚିପାରେ ମଣିଷ ।

ପୃଥିବୀ ଠାରୁ ବହୁତ ବଡ଼ : କେ୨-୧୮ବି ଗ୍ରହଟି ପୃଥିବୀଠାରୁ ୮.୬ ଗୁଣ ବଡ଼ । ଏହାର ବ୍ୟାସ ପୃଥିବୀଠାରୁ ୨.୬ ଗୁଣ ଅଧିକ । ଏହି ଗ୍ରହ ଏମିତି ଏକ ଜାଗାରେ ଘୁରୁଛି ଯେଉଁଠି ଜଳ ମିଳିବାର ସମ୍ଭାବନା ରହିଛି । ପୃଥିବୀ ଠାରୁ ଏହାର ଦୂରତା ୧୨୪ ଆଲୋକ ବର୍ଷ ଅର୍ଥାତ ୯.୫ ଟ୍ରିଲିୟନ କିଲୋମିଟର । ୧୯୯୦ ମସିହା ପରଠାରୁ ସୌରଜଗତ ବାହାରେ ୫ହଜାର ୮ଶହ ଗ୍ରହ ଆବିଷ୍କାର ହେଲାଣି । ପୃଥିବୀ ପରି ଏଠାରେ ମଧ୍ୟ ଡିଏମଏସ ଓ ଡିଏମଡିଏସ୍ ଗ୍ୟାସ୍‌ର ଉପସ୍ଥିତି ଥିବାରୁ ସେଠାରେ ଜୀବସତ୍ତା ଥାଇପାରନ୍ତି ବୋଲି କୁହାଯାଇଛି ।

ମହାସାଗର ଥିବାର ସଙ୍କେତ : କେ୨-୧୮ବି ଗ୍ରହର ବାୟୁମଣ୍ଡଳରେ ଆମୋନିଆର ଅନୁପସ୍ଥିତି ବୈଜ୍ଞାନିକମାନଙ୍କ ଧ୍ୟାନ ଆକର୍ଷଣ କରିଛି । ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି, ଏଲିୟନଙ୍କ ଗ୍ରହରେ ବିଶାଳ ମହାସାଗର ରହିଥାଇପାରେ, ଯିଏ ଆମୋନିଆକୁ ଶୋଷି ନେଉଛି । ଆମେନିଆ ନିଳିବା ସାଧାରଣତଃ ଜୀବନସତ୍ତର ମହତ୍ୱପୂର୍ଣ୍ଣ ସଙ୍କେତ । ଏହି ଗ୍ୟାସ୍ ଖୁବ କମ୍ ପରିମାଣରେ ରହିଥିବାରୁ ସମୁଦ୍ର ଭଳି ଇକୋ-ସିଷ୍ଟମ ଥିବାର ସମ୍ଭାବନା ବଢ଼ିଯାଉଛି । ଏମିତି ମଧ୍ୟ ହୋଇପାରେ କେ୨-୧୮ବି ଗ୍ରହରେ ଲାଭାର ମହାସାଗର ଥାଇପାରେ, ଯାହା ଜୈବିକ ପ୍ରକ୍ରିୟାର ପ୍ରତିକୁଳ ।

କେ୨-୧୮ବି ବାୟୁମଣ୍ଡଳରେ ବୈଜ୍ଞାନିକମାନେ ଏପର୍ଯ୍ୟନ୍ତ ତିନି-ସିଗ୍ମା ସ୍ତର ଥିବା ନେଇ ସ୍ପଷ୍ଟ କରିଛନ୍ତି । ସିଗ୍ମା ବୈଜ୍ଞାନିକଙ୍କ ଗବେଷଣାରୁ ମାପିବାର ମାନଦଣ୍ଡ । ସାଧାରଣତଃ କୌଣସି ଆବିଷ୍କାର ସ୍ପଷ୍ଟତା ପାଇଁ ପାଞ୍ଚ-ସିଗ୍ମାର ଆବଶ୍ୟକତା ହୋଇଥାଏ । ତିନି-ସିଗ୍ମା ସ୍ତରର ସଙ୍କେତ ମିଳିବା ଅର୍ଥ ହେଉଛି ଏହି ଦିଗରେ ଏକ ବଡ଼ ପଦକ୍ଷେପ । ହେଲେ ବୈଜ୍ଞାନିକ ଏହାର ଅନ୍ତିମ ପର୍ଯ୍ୟାୟରେ ଏପର୍ଯ୍ୟନ୍ତ ପହଞ୍ଚିନାହାନ୍ତି । ଏଥିପାଇଁ ଆହୁରି ଗବେଷଣାର ଆବଶ୍ୟକତା ରହିଛି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଅପ୍ରେଲ ୨୦୨୫ ଶୁକ୍ରବାର





# ବହୁ ଚର୍ଚ୍ଚିତ ବହଳଦା ଷ୍ଟେଟ୍ ବ୍ୟାଙ୍କ ଲୁଟ୍ ମାମଲା: ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ, ୨ ଗିରଫ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ବହୁ ଚର୍ଚ୍ଚିତ ବହଳଦା ଷ୍ଟେଟ୍ ବ୍ୟାଙ୍କ ଲୁଟ୍ ମାମଲାରେ ମୟୂରଭଞ୍ଜ ପୋଲିସ ବିହାର ପଟନା ଅଞ୍ଚଳରୁ ଘଟଣାର ମୁଖ୍ୟ ଅଭିଯୁକ୍ତ ରାଜୀବ ରଞ୍ଜନ ଓରଫ ପପୁ (୫୨) ଏବଂ ତାର ସହଯୋଗୀ ସନ୍ତୋଷ ଓରଫ ପ୍ରମୋଦ ବିନ୍ଦ (୩୩) ମୋଟ୍ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମୁଖ୍ୟ ଅଭିଯୁକ୍ତ ପପୁ ଠାରୁ ନଗଦ ୧୪ ଲକ୍ଷ ଏବଂ ସନ୍ତୋଷ ଠାରୁ ନଗଦ ୧ ଲକ୍ଷ ୧୯ ହଜାର ୭୦୦ ମୋଟ୍ ୧୫ ଲକ୍ଷ ୧୯ ହଜାର ୭୦୦ ଟଙ୍କା ଜବତ କରିଥିବାର ଜଣାଯାଇଛି । ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ବେଳେ ପୋଲିସ ସେମାନଙ୍କୁ ଧରିବା ପାଇଁ ଜାଲ ବିଛାଇଛି । ଏହି ଦୁଇ ଅଭିଯୁକ୍ତ ପୂର୍ବରୁ ୨୦୨୩ ମିସିରେ ବାରିପଦା ମଣପୁରମ୍ ଅଫିସ୍‌ରୁ ମଧ୍ୟ ଡକାୟତି ଉଦ୍ୟମ କରିଥିଲେ । ସୂଚନା ମୁତାବକ ଗତ ୨୦.୦୨.୨୦୨୫ ତାରିଖରେ ପାଞ୍ଚଜଣ ଅଜ୍ଞାତ ଅପରାଧୀ ହାତରେ ଅସ୍ତ୍ରଶସ୍ତ୍ର ଧରି ମୁହଁକୁ ହେଲମେଟ୍ ଏବଂ ମାସ୍କ ଆଚ୍ଛାଦନ କରି ବହଳଦା ଷ୍ଟେଟ୍ ବ୍ୟାଙ୍କରେ ପଶି ଶାଖା ପରିଚାଳକ ଏବଂ ଅନ୍ୟ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ଗ୍ରାହକ ମାନଙ୍କୁ ଗୋଟିଏ କୋଠରୀରେ ବନ୍ଦ କରି ବନ୍ଧୁକ ମୁନରେ ୨୦ ଲକ୍ଷ ଟଙ୍କା ଲୁଟି ନେଇଥିଲେ । ପ୍ରମାଣ ନଷ୍ଟ କରିବା ପାଇଁ ବ୍ୟାଙ୍କ ସିସିଟିଭିର ହାର୍ଡଡିସ୍କ ମଧ୍ୟ ନେଇଯାଇଥିଲେ । ବ୍ୟାଙ୍କର ମୁଖ୍ୟ ଗ୍ରିଲ୍ ଫାଟକ ଲକ୍ କରି ବାଇକରେ ଫେରାର୍ ହୋଇଯାଇଥିଲେ । ଏହି ଡକାୟତି ମାମଲା ମୟୂରଭଞ୍ଜ ପୋଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଥିବା ବେଳେ, ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ମାର୍ଗଦର୍ଶନରେ ତିନୋଟି ଦଳ ଗଠନ କରାଯାଇ ଘଟଣାର ଯାଞ୍ଚ କରାଯାଉଥିଲା । ତେବେ ଅପରାଧୀମାନେ ଫେରାର୍ ହେବା ସମୟରେ ବଡନାରାୟଣି ଗ୍ରାମ ନିକଟରେ ସଡ଼କ ହମ୍ପରେ ସେମାନେ ବାଇକ୍‌ରୁ ପଡ଼ିଥିବା ବେଳେ ଲୋକେ ତାଙ୍କୁ ଦେଖିଥିଲେ । ସେହିପରି ବାରିପଦା ମଣପୁରମ ଡକାୟତି ସମୟର ସିସିଟିଭି ଫୁଟେଜ୍, ସେଣ୍ଟ୍ରାଲ ଜେଲ୍, ଘାଟଗିଠି ଝାଡ଼ଖଣ୍ଡର ଜେଲ୍ ରେକର୍ଡ ଯାଞ୍ଚ କରି ଅପରାଧୀଙ୍କ ବାବଦରେ ସୂଚନା ପାଇଥିଲେ । ସେମାନଙ୍କ ଘର ବିହାରର ପଟନା ଅଞ୍ଚଳରେ ହୋଇଥିବାରୁ ମୟୂରଭଞ୍ଜ ଏସ୍‌ପି ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶ କ୍ରମେ ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ ଜେନା, ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ବହଳଦା ଥାନା ଏଏସ୍‌ଆଇ ଭାସ୍କର ପ୍ରଧାନ, ବାରିପଦା ଟାଉନ୍ ଥାନା ଏସ୍‌ଆଇ ରାଜେଶ କୁମାର ସୁତାର, କନେଷ୍ଟବଳ ଉଜ୍ଜ୍ୱଳ ବେହେରା, ହୋମଗାର୍ଡ ଧର୍ମେନ୍ଦ୍ର ପାତ୍ର ଏବଂ ରାମ କାଲୁଣ୍ଡିଆ ପ୍ରମୁଖ ବିହାର ଯାଇ ବିହାର ପୋଲିସ ସହାୟତାରେ ଉପରୋକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ନଗଦ ଅର୍ଥ ଜବତ କରିବାରେ ସକ୍ଷମ ହୋଇଥିଲେ । ଏବାବଦରେ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲି ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦେଇଛନ୍ତି ।



## ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ

# ଶ୍ରୀମନ୍ଦିରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କଲା ପୋଲିସ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ସାରା ଦେଶର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଧ୍ୟାତ୍ମିକ କ୍ଷେତ୍ର ଶ୍ରୀମନ୍ଦିରରେ ବୁଧବାର ଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରୀମନ୍ଦିରକୁ ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଛନ୍ତି । ସେମାନଙ୍କ ସୁରକ୍ଷା ପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ପରିକ୍ରମା ମାର୍ଗ, ୪ ଦ୍ୱାର ଏବଂ ସମସ୍ତ ବ୍ୟାରିକେଡ଼ରେ ଶତାଧିକ ପୋଲିସ ମୁତୟନ କରାଯାଇଛି । ବୁଧବାର ଶ୍ରୀମନ୍ଦିରକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ କଡ଼ା ଯାଞ୍ଚ ପରେ ମନ୍ଦିର ଭିତରକୁ ଛଡ଼ାଯାଉଥିବା ଦେଖିବାକୁ ମିଳିଛି । ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସଶସ୍ତ୍ର ପୋଲିସ ମୁତୟନ ହୋଇଛନ୍ତି । ସମ୍ପୂର୍ଣ୍ଣ ଶ୍ରୀମନ୍ଦିରକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ପାଇଁ ଛଡ଼ା ଯାଉଛି ବୋଲି ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢ଼ୀ ସୂଚନା ଦେଇଛନ୍ତି ।

# କାଳ ବୈଶାଖୀ ପ୍ରଭାବରେ ଗଛ ଉପୁଡ଼ି ଉମରକୋଟ-ରାଇଘର ଯୋଗାଯୋଗ ବିଚ୍ଛିନ୍ନ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଉମରକୋଟରେ ଘଟିଥିବା କାଳ ବୈଶାଖୀରେ ବ୍ୟାପକ କ୍ଷୟକ୍ଷତି ହେଇଥିବା ଖବର ଆସିଛି । ବର୍ଷା ନହେଇଥିଲେ ମଧ୍ୟ ଭୀଷଣ ପବନ ଯୋଗୁଁ ଚିକଲପଦର ଠାରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା କପା ଫେକ୍ଟରୀ ସମ୍ମୁଖରେ ଗୋଟାଏ ବଡ଼ଗଛ ଉପୁଡ଼ି ପଡ଼ି ଉମରକୋଟ–ରାଇଘର ରାସ୍ତା ଉପରେ ପଡ଼ିଯାଇଥିଲା । ଫଳରେ ଉମରକୋଟ ଓ



ରାଇଘର ରାସ୍ତା ମଧ୍ୟରେ ପ୍ରାୟ ଘଣ୍ଟାଟି କାଳ ଯାନବାହାନ ଚଳାଚଳ ବନ୍ଦ ଥିଲା । ଖବରପାଇ ଉମରକୋଟ ଅଗ୍ନିଶ୍ରମ ବିଭାଗର କେନ୍ଦ୍ର ଅଧିକାରୀ ଭାଗିରଥି ବାଣୁଆ, ହରିଶଙ୍କର ସୁନାନି, ଜଗଦୀଶ କାଣ୍ଡ, ଯଦୁମଣି ଏକକା ଓ ଶଙ୍କର ମାଝି ପ୍ରମୁଖ କର୍ମଚାରୀମାନେ ପହଞ୍ଚି ଗଛକୁ କାଟିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା । ସେହିପରି ଏହି ଫେକ୍ଟରି ନିକଟରେ ନୂତନ ଭାବେ ନିର୍ମାଣ ହେଇଥିବା ଡ୍ରାଇଭର ମହାସଂଘ କାର୍ଯ୍ୟାଳୟର ଟିଣ ଛାତଟି ସମ୍ପୂର୍ଣ୍ଣ ଭାବେ ଉଡ଼ିଯାଇଛି । ଫଳରେ କାର୍ଯ୍ୟାଳୟ ଭିତରେ ଥିବା କିଛି ଆସବାବ ପତ୍ର ନଷ୍ଟ ହେଇଥିବା ଜଣାପଡ଼ିଛି । ସେହିପରି ମୃତମା, ସୁକିଗା ଇତ୍ୟାଦି ଗ୍ରାମ ପଞ୍ଚାୟତରେ ମକା ଗଛ ଗୁଡ଼ିକ ଭାଙ୍ଗି ଯାଇଥିବା ଖବର ମିଳିଛି ।

# ବଡ଼ ଭାଇକୁ ନିଶାସକ୍ତ ସାନ ଭାଇର ଟାଙ୍ଗିଆ ଚୋଟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନିଶାଡ଼ି ବାପା କୁନି ଝିଅଟାକୁ ଅକାରଣରେ ମାଡ଼ ମାରୁଥିଲା । ଚୁଟିକୁ ଘୋଷାରି ପିଠିକୁ ବିଧା ଗୋଇଠା ମାରି ଚାଲିଥିଲା । ସାନଭାଇର ଏଭଳି ନୃଶଂସପଣିଆ ଦେଖି ବଡ଼ଭାଇଙ୍କ ମନ ବୁଝିଲାନି । କୁନି ଝିଆରୀଟିର ବିକଳ କାନ୍ଦଣା ବଡ଼ବାପାଙ୍କ ଛାତି ଥରାଇଦେଲା । ତେଣୁ ନିଶାଡ଼ି ସାନଭାଇକୁ ବିରୋଧ କରିବାକୁ ବାହାରିପଡ଼ିଲେ । ଏଥର ନିଶାଡ଼ି ଝିଅକୁ ଛାଡ଼ି ବଡ଼ଭାଇଙ୍କ ଉପରକୁ ଝାମ୍ପି ପଡ଼ିଲା । ଅଗଣାରେ ଥିବା ଟାଙ୍ଗିଆ ଉଠାଇ ବଡ଼ଭାଇଙ୍କୁ ଚୋଟ ପକାଇଲା । ମୁଣ୍ଡକୁ ଲକ୍ଷ୍ୟକରି ସେ ଟାଙ୍ଗିଆ ପାହାର ପକାଇଥିଲା, କିନ୍ତୁ ସେ ଭାଗ୍ୟକୁ ବଡ଼ଭାଇ ହାତ ଦେଖାଇବାରୁ ବଡ଼ଧରଣର ଅଘଟଣ ଟଳିଗଲା । ଟାଙ୍ଗିଆ ଚୋଟ ମୁଣ୍ଡରେ ନ ବାଜି ହାତରେ ବାଜିଲା । ବାଲିଅନ୍ତା ବ୍ଲକ୍ ପୂରଣପଧାନ ପଞ୍ଚାୟତ ଅଧିନ ବାୟାଁପଦା ଗାଁରେ ଘଟିଛି ଏହି ଅଘଟଣ । ଏନେଇ ବାଲିପାଟଣା ଥାନାରେ ଅଭିଯୋଗ ହୋଇଛି ଏବଂ ପୋଲିସ ଅଭିଯୁକ୍ତ ସାନଭାଇକୁ ଖୋଜୁଛି । ସୂଚନାଅନୁସାରେ ସନ୍ଧ୍ୟାରେ ମଳୟ ବେହେରା ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଆସି ନିଜ ଛୋଟ ଝିଅକୁ ପ୍ରବଳ ମାଡ଼ ମାରିଲା । କିଛି କାରଣ ନଥାଇ ମଳୟ ଛୋଟ ପିଲାଟିକୁ ବଡ଼ ନିର୍ଦ୍ଦୟ ଭାବେ ପିଟି ଚାଲିଥିଲା । ଏହା ଦେଖି ବଡ଼ଭାଇ ମଦନ ଓ ତାଙ୍କ ପୁଅ ମନୋଜ ବିରୋଧ କରିଥିଲେ । ମଳୟ ପାଖରୁ ଛୋଟ ପିଲାଟିକୁ ଉଦ୍ଧାର କରିଥିଲେ । ବଡ଼ଭାଇ ହିସାବରେ ମଦନ ନିଶାସକ୍ତ ମଳୟକୁ ଆକଟ କରିଥିଲେ । ମାତ୍ର ନିଶାରେ ଚୁର୍ ଥିବା ମଳୟ ଭଲକୁ ଭେଲ ବୋଲି ଧରିନେଇଥିଲା । ବଡ଼ଭାଇ ମଦନକୁ ଗାଳିମନ୍ଦ କରିଥିଲା । ଏତିକିରେ ତା'ର ରାଗ ଶାନ୍ତ ହୋଇନଥିଲା । ସେ ବାରଣ୍ଡାରେ ଥୁଆ ହୋଇଥିବା ଟାଙ୍ଗିଆ ଆଣି ମଦନକୁ ଚୋଟ ପକାଇଥିଲା । ଟାଙ୍ଗିଆ ଚୋଟରେ ମଦନଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ତୁରନ୍ତ ପଡ଼ୋଶୀମାନଙ୍କ ସହାୟତାରେ ମଦନଙ୍କୁ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ।

# ଥାନାରେ ଉତ୍ପାତକରି ଗିରଫ ହେଲେ ୫ ମହିଳା କାଳିଶି

**ବାଲିପାଟଣା, ନ୍ୟୁଜ୍ ବ୍ୟୁରୋ**

ବାଲିପାଟଣା ଥାନାରେ ଦେଖିବାକୁ ମିଳିଥିଲା ଏକ ବିଚିତ୍ର ଦୃଶ୍ୟ । ୫ ଜଣ ମହିଳା କାଳିଶି ଥାନାରେ ତାଣ୍ଡବ ନୃତ୍ୟ କରି ପୋଲିସ କର୍ମଚାରୀମାନଙ୍କୁ ଅଭିଶାପ ଦେଇଥିଲେ । ଥାନା ଅଗଣାରେ ଗଡ଼ିଗଡ଼ି ଉପସ୍ଥିତ ଲୋକଙ୍କୁ ହଇରାଣ କରିଥିଲେ । ଏକ ଅଭିଯୋଗର ଆପୋସ ସମାଧାନ କରିବାକୁ ଉଦ୍ୟମ ଚାଲିଥିବା ବେଳେ କାଳିଶିମାନଙ୍କ ଏଭଳି ଉତ୍ପାତ ସମାଧାନ ବାଟ ଭଣ୍ଡୁର କରିଥିଲା । ତେଣୁ ବାଧ ହୋଇ ପୋଲିସ ୫ ମହିଳା କାଳିଶିଙ୍କୁ ଗିରଫ କରି ମହିଳା ଥାନା ପୋଲିସ ହେପାଜତ୍‌ରେ ଛାଡ଼ିଛି । ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ପଣା ସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ହୋଇଯାଇଥିବା କାଳିଶି ଉଭା ଓ ଝାମୁଯାତ୍ରା ବେଳେ ଘଟିଥିବା ଏକ ବିବାଦକୁ ନେଇ ଥାନାରେ ଅଭିଯୋଗ ହୋଇଥିଲା । ଅଠାନ୍ତର ନାଏକସାହି ସ୍ଥିତ କପିଳନାଥ ମହାଦେବଙ୍କ ନିକଟରେ ଥିବା ମଙ୍ଗଳା ମନ୍ଦିରରେ କାଳିଶି ଉଭା ଦେଖିବାକୁ ଯାଇଥିବା କିଛି ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ୫ ଜଣ ମହିଳା କାଳିଶି ନିର୍ଦ୍ଧୁମ୍ ବେତମାଡ଼ କରିଥିଲେ । ଏମିତିକି ଜଣେ ଶ୍ରଦ୍ଧାଳୁଙ୍କୁ ତଳେ ପକାଇ ତାଙ୍କ ବେକରେ ଛିଡ଼ା ହୋଇଯାଇଥିଲେ । ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା । ବେତ ମାଡ଼ରେ ଆହତ ହୋଇଥିବା ଶ୍ରଦ୍ଧାଳୁ ଜଣକ ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ । ସନ୍ଧ୍ୟାରେ ପୋଲିସ ଉଭୟ ପକ୍ଷଙ୍କୁ ଥାନାକୁ ଡକାଇଥିଲା । ଘଟଣାଦିନ କଣ ଘଟିଥିଲା ଏବଂ କି ପରିସ୍ଥିତିରେ ଶ୍ରଦ୍ଧାଳୁ କାଳିଶିମାନଙ୍କ ଠାରୁ ମାଡ଼ ଖାଇଥିଲେ, ସେନେଇ ପଚରାଉଚରା କରିବାକୁ ପୋଲିସ ଉଭୟ ପକ୍ଷଙ୍କୁ ଡାକିଥିଲେ । କିନ୍ତୁ ଥାନାରେ ପହଞ୍ଚିବା ପରେ କାଳିଶିମାନଙ୍କ ଠାରେ ପୁଣି ମା' ଉଭା ହୋଇଥିଲେ । ୫ ଜଣ ଯାକ ମହିଳା କାଳିଶି ତାଣ୍ଡବ ଆରମ୍ଭ କରିଦେଲେ । କିଏ ଅଗଣାରେ ଗଡ଼ିଲା ତ ଆଉ କିଏ ଉଦଣ୍ଡ ନୃତ୍ୟ କରି ପୋଲିସ କର୍ମଚାରୀମାନଙ୍କୁ ଅଭିଶାପ ଦେଲେ । ଆଇଆଇସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀଙ୍କ ସୂଚନାନୁସାରେ ପୂଜାର୍ଚ୍ଚନା ନାଁରେ କାଳିଶିମାନେ ଲୋକଙ୍କୁ ନିର୍ଯ୍ୟାତନା ଦେଇଛନ୍ତି । ତେଣୁ କାଳିଶିମାନଙ୍କୁ ଗିରଫ କରାଯାଇଛି । ସୂଚନାଯୋଗ୍ୟ ଯେ ପୋଲିସ କାଳିଶିମାନଙ୍କୁ ଗିରଫ କରିବା ମାତ୍ରେ ସେମାନଙ୍କ ଠାରୁ ମା' ଛାଡ଼ିଯାଇଥିଲେ ।

# ଏମ୍‌କେସିଜିରେ ବିରଳ ଅସ୍ତ୍ରୋପଚାର: ଯୁବକର ଛାତିରୁ ବାହାରିଲା ଭଙ୍ଗା ଛୁରୀ



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ର ଡାକ୍ତରମାନେ ଏକ ବିରଳ ଅପରେସନ୍ କରିବାରେ ସଫଳ ହୋଇଛନ୍ତି । ୩ ବର୍ଷ ଧରି ଜଣେ ଯୁବକଙ୍କ ଛାତି ଭିତରେ ଥିବା ୮ ସେମି ଲମ୍ବର ଏକ ଛୁରିକୁ ଅସ୍ତ୍ରୋପଚାର କରି ଡାକ୍ତର ବାହାର କରିଛନ୍ତି । ଛୁରିଟି ସଂପୃକ୍ତ ଯୁବକଙ୍କ ବାମ ପଟ ବେକ ତଳେ ପଶିଥିବା ବେଳେ ତାହାକୁ ଡାକ୍ତରମାନେ ଡାହାଣ ପାର୍ଶ୍ୱ ଫୁସ୍‌ଫୁସ୍ ଭିତରେ ଠାବ କରିଥିଲେ । ସିଟିଭିଏସ୍ ବିଭାଗ (ହୃଦ୍ ବକ୍ଷ ଶଲ୍ୟ ଚିକିତ୍ସା ବିଭାଗ)ର ମୁଖ୍ୟ ଆସୋସିଏଟ୍ ପ୍ରଫେସର ଡା. ସାରଦା ପ୍ରସନ୍ନ ସାହୁଙ୍କ ନେତୃତ୍ୱରେ ଗଠିତ ଡାକ୍ତରୀ ଟିମ୍‌ରେ ଆନେସ୍ଥେସିଆ ବିଭାଗ ଆସୋସିଏଟ୍ ପ୍ରଫେସର ଡା. ସଞ୍ଜୀବ ପାତ୍ର, ଡା. ବାରୟନ ସ୍ୱାଇଁ ଓ ଡା. ପ୍ରଦୀପ୍ତ କୁମାର ସାହୁ, ନର୍ସିଂ ଅଫିସର ସୁଭଦର୍ଶନୀ ଓ ମନସ୍ୱିନୀ ପ୍ରମୁଖ ଅସ୍ତ୍ରୋପଚାରରେ ସାମିଲ୍ ଥିଲେ । ଅସ୍ତ୍ରୋପଚାର ପରେ ଯୁବକଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ତାଙ୍କୁ ସିଟିଭିଏସ୍ ବିଭାଗ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି । ସୂଚନାପ୍ରକାରେ, ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରର ଏହି ୨୨ ବର୍ଷୀୟ ଯୁବକ ଜଣଙ୍କ ୩ ବର୍ଷ ତଳେ ବେଙ୍ଗାଲୁରରେ ରହୁଥିଲେ । ସେଠାରେ ଅନ୍ୟ ଏକ ଯୁବକଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା । ସେତେବେଳେ ସଂପୃକ୍ତ ଯୁବକ ଜଣଙ୍କ ଏହି ୨୨ ବର୍ଷୀୟ ଯୁବକଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ । ଛୁରିଟି ଯୁବକଙ୍କ ବାମ ପଟ ବେକ ପାଖରେ ଭାଙ୍ଗି ରହିଯାଇଥିଲା । ତେବେ ସେହି ସମୟରେ ଯୁବକଙ୍କୁ ସେଠାକାର ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ କେବଳ କ୍ଷତ ସ୍ଥାନକୁ ସିଲାଇ କରି ଛାଡି ଦିଆଯାଇଥିଲା । ସେହି ସମୟରେ 'ଏକ୍ସ-ରେ' କରାଯାଇନଥିବାରୁ ଛୁରିଟି ବାମ ପଟ ବେକ ଓ ଛାତି ମଝିରେ ରହିଯାଇଥିଲେ ମଧ୍ୟ ଜଣାପଡିନଥିଲା । ବେକ ତଳେ ଥିବା କ୍ଷତ ଭଲ ହୋଇଯିବା ପରେ ଯୁବକ ଜଣଙ୍କ ନିଜ ଗାଁକୁ ଆସିଥିଲେ । ୨ ବର୍ଷ ତଳେ ସେ ବିବାହ ମଧ୍ୟ କରିଥିଲେ । ଯୁବକ ଜଣକ ସମସ୍ତ ପ୍ରକାର କାମ ଧନ୍ଦା କରୁଥିଲେ ମଧ୍ୟ ଛାତିରେ ସେଭଳି ଯନ୍ତ୍ରଣା ହେଉନଥିଲା । ଆଜକୁ ୯ ମାସ ତଳେ ଯୁବକଙ୍କ କଫରେ ରକ୍ତ ପଡିବା ପରେ ସେ ଡାକ୍ତରଖାନା ଯାଇ ଦେଖାଇଥିଲେ । କଫ ପରୀକ୍ଷାରୁ ତାଙ୍କୁ ଯକ୍ଷ୍ମା ଥିବା ଜଣାପଡିଥିଲା । ସେ ଯକ୍ଷ୍ମା ଭଲ ହେବା ପାଇଁ ଔଷଧ ଖାଇଥିଲେ । ହେଲେ ସେତେବେଳେ ମଧ୍ୟ ଛୁରିଟି ଛାତି ଭିତରେ ଅଛି ବୋଲି ଜଣାପଡିନଥିଲା । କିଛି ଦିନ ତଳେ ଛାତିରେ ଯନ୍ତ୍ରଣା ହେବାରୁ ଯୁବକ ଜଣଙ୍କ ୧୯ ତାରିଖରେ ଏମ୍‌କେସିଜିକୁ ଯାଇଥିଲେ । ସେଠାରେ ଡାକ୍ତରଙ୍କ ପରାମର୍ଶକ୍ରମେ ଛାତିର ଏକ୍ସ-ରେ ବାହାର କରାଯାଇଥିଲା । ଏକ୍ସ-ରେ କରାଯିବା ପରେ ତାଙ୍କ ଡାହାଣପଟ ଛାତିରେ ଏକ ଛୁରିର ଖଣ୍ଡ ରହିଥିବା ଡାକ୍ତରମାନେ ଜାଣିବାକୁ ପାଇଥିଲେ । ସିଟିସ୍କାନ୍ ଓ ବ୍ରୋଙ୍କୋସ୍କୋପି କରାଯିବା ପରେ ଫୁସ୍‌ଫୁସ୍ ଭିତରେ ଏହି ଛୁରି ରହିଥିବା ଜଣାପଡିଥିଲା । ଏହାପରେ ଯୁବକଙ୍କ ଛାତି ଚିରି ଛୁରି ବାହାର କରିବାକୁ ସିଟିଭିଏସ୍ ବିଭାଗର ଡାକ୍ତରମାନେ ପଦକ୍ଷେପ ନେଇଥିଲେ । ଏହି ଅପରେସନ୍ ଶେଷ ହୋଇଛି । ଅସ୍ତ୍ରୋପଚାର କରିବାକୁ ୩ ଘଣ୍ଟାରୁ ଅଧିକ ସମୟ ଲାଗିଥିବା ବିଭାଗୀୟ ମୁଖ୍ୟ ପ୍ରଫେସର ସାହୁ କହିଛନ୍ତି ।

# ପଥର ଖାଦାନରୁ ବାଳକର ମୃତ ଦେହ ଉଦ୍ଧାର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ ସାହାଣୀଡିହ ପଞ୍ଚାୟତ ଚରିଗୋଠ ଗ୍ରାମ ନିକଟ ମୂଳାବନ୍ଧ ଖାଦାନରୁ ପୋଲିସ ବୁଧବାର ସନ୍ଧ୍ୟାରୁ ନିଖୋଜ ୬ ବର୍ଷ ବାଳକର ମୃତ ଦେହକୁ ଉଦ୍ଧାର କରିଛି । ସୂଚନା ଅନୁଯାୟୀ ଏହି ଗ୍ରାମର ବାଉରୀବନ୍ଧୁ ରାଉତଙ୍କ ଶିବୁ ଟିଉସନ୍‌ରୁ ଫେରିବା ପରେ ଖେଳିବାକୁ ଯାଇ ନିଖୋଜ ଥିଲେ । ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ । ବହୁତ ଖୋଜାଖୋଜି କରିବା ପରେ ତାର ପ୍ୟାଣ୍ଟ୍ ମିଳିଥିଲା । ଗୁରୁବାର ସକାଳୁ ଖଦାନ ପାଣିରେ ଶିବୁର ମୃତଦେହ ଭାସୁଥିବା ଖବରପାଇ ପୋଲିସ ମୃତଦେହକୁ ଉଦ୍ଧାର କରିଛି । ପାରିବାରିକ କାରଣରୁ ତାକୁ କେହି ମାରିଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଶିବୁର ମାମୁଁ ଘର ଏହି ଗ୍ରାମରେ । ୩/୪ ବର୍ଷ ହେଲା ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ଶିବୁ ତା ମାମୁଁ ଘରେ ମା' ସହ ରହୁଥିଲା । ପୋଲିସ ସନ୍ଦେହରେ ଶିବୁର ବାପା ବାଉରୀବନ୍ଧୁକୁ ଥାନାକୁ ଉଠେଇ ନେଇ ପଚରା ଉଚରା କରୁଛି ।

## ଡିଏସ୍‌ପି ପଦୋନ୍ନତି ବୋର୍ଡ ବୈଠକ

# ଖାଲିପଡ଼ିଥିବା ପଦବୀ ଗୁଡ଼ିକ ପୂରଣ ନେଇ ଆଶା ବଢ଼ିଲା

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ୨୦୨୨ ପରଠାରୁ ଅଟକି ରହିଥିବା ଡିଏସ୍‌ପି ପଦୋନ୍ନତି ବୋର୍ଡ ଶେଷରେ ବସିଛି । ବାରମ୍ବାର ଏ ସଂକ୍ରାନ୍ତରେ 'ସମ୍ବାଦ'ରେ ଖବର ପ୍ରକାଶ ପାଇବା ପରେ ସରକାର ତତ୍ପରତା ପ୍ରକାଶ କରିଛନ୍ତି । ଏଥିସହିତ ୧୪୨ ଇନ୍‌ସ୍ପେକ୍ଟରଙ୍କ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଆଶା ବଢ଼ିଛି । ପୋଲିସ ମୁଖ୍ୟାଳୟ ପକ୍ଷରୁ ଜିଲ୍ଲା ସ୍ତରରୁ ପଠାଯାଇଥିବା ନାମ ତାଲିକା ଆଧାରରେ ଗୃହ ବିଭାଗ ବୋର୍ଡ ବସାଇଛି । ପୋଲିସ ଅଫିସରଙ୍କ ସିସିଆର୍ ସମେତ ପଦୋନ୍ନତି ସମ୍ପର୍କିତ ତଥ୍ୟ ବି ଏଥିରେ ପଠାଯାଇଛି । ୨୦୦୫ ବ୍ୟାଚ୍‌ରେ ମୋଟ୍ ୨୮୩ ଜଣ ଏସ୍‌ଆଇ ଓଡ଼ିଶା ପୋଲିସରେ ନିଯୁକ୍ତି ପାଇଥିଲେ । ସେଥିରୁ ୧୨ ଜଣ ଚାକିରି ଛାଡ଼ିଦେଇଥିଲେ । ଚାକିରିରେ ଥିବା ୨୭୧ ଜଣ ଏସ୍‌ଆଇଙ୍କୁ ୨୦୧୩ରେ ଇନ୍‌ସ୍ପେକ୍ଟର ପାହ୍ୟାକୁ ପଦୋନ୍ନତି ମିଳିଥିଲା । ୫ ବର୍ଷ ପରେ ଅର୍ଥାତ୍ ୨୦୧୮ରେ ଏହି ବ୍ୟାଚ୍ ପଦୋନ୍ନତି ପାଇଁ ଯୋଗ୍ୟ ହୋଇଥିଲା । ୨୭୧ ଜଣଙ୍କ ମଧ୍ୟରୁ ବିଭିନ୍ନ ସମୟରେ ୧୨୯ ଜଣ ଡିଏସ୍‌ପି ପଦୋନ୍ନତି ପାଇଥିଲେ । ୨୦୨୨ରେ ଶେଷ ଥର ପଦୋନ୍ନତି ବୋର୍ଡ ବସିଥିଲା । ଏହି ବୋର୍ଡ ଆଧାରରେ ୨୦୨୩ ଜୁନ୍ ୧୯ରେ ଏହି ବ୍ୟାଚ୍‌ର ୧୪ ଜଣ ଇନ୍‌ସ୍ପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଦିଆଯାଇଥିଲା । ତା'ପର ଠାରୁ ୨୦୦୫



ବ୍ୟାଚ୍‌ର ୧୪୨ ଜଣ ଅଫିସର ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ନପାଇ ଇନ୍‌ସ୍ପେକ୍ଟର ଭାବେ କାର୍ଯ୍ୟ କରିଆସୁଥିଲେ । ଏହାକୁ ନେଇ ସେମାନେ ଆର୍ଥିକ କ୍ଷତି ସହିତ ମାନସିକ ନିର୍ଯ୍ୟାତନା ଭୋଗୁଥିଲେ । କଟକ ପୋଲିସ ମୁଖ୍ୟାଳୟ ପକ୍ଷରୁ ୨୦୨୪ ଅଗଷ୍ଟ ୮ରେ ପ୍ରତ୍ୟେକ ଜିଲ୍ଲା ଏସ୍‌ପି ଏବଂ ଏଷ୍ଟାବ୍ଲିସ୍‌ମେଣ୍ଟ ଗୁଡ଼ିକୁ ପଦୋନ୍ନତି ପାଇବାକୁଥିବା ଉପରୋକ୍ତ ଇନ୍‌ସ୍ପେକ୍ଟରଙ୍କ ନୋମିନେସନ୍ ଦାଖଲ କରିବାକୁ କୁହାଯାଇଥିଲା । ଏହି ତାଲିକା ଆସିବା ପରେ ଅକ୍ଟୋବରରେ ପଦୋନ୍ନତି ପାଇବାକୁଥିବା ଇନ୍‌ସ୍ପେକ୍ଟରଙ୍କ ସିସିଆର୍ ସମେତ ଭିଜିଲାନ୍ସ, ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍, କ୍ରାଇମ୍‌ବ୍ରାଞ୍ଚ, ରାଜ୍ୟ ମାନବାଧିକାର କମିସନ୍, ଜାତୀୟ ମାନବାଧିକାର କମିସନ ଇତ୍ୟାଦିର କ୍ଲିଅରାନ୍ସ ସଂକ୍ରାନ୍ତ ତଥ୍ୟ ରାଜ୍ୟ ସରକାରଙ୍କ ନିକଟରେ ପୋଲିସ ମୁଖ୍ୟାଳୟ ପକ୍ଷରୁ ଦାଖଲ କରାଯାଇଥିଲା । ୨୦୨୩ ସେପ୍ଟେମ୍ବରରେ ଡିଏସ୍‌ପି ପଦୋନ୍ନତି ବୋର୍ଡ ବସିବାର ଯୋଜନା ଥିଲା । କିନ୍ତୁ ତତ୍କାଳୀନ ରାଜ୍ୟ ସରକାର ନିର୍ବାଚନ ଓ ଆଇନଶୃଙ୍ଖଳା ପରିସ୍ଥିତିର ଆଳ ଦେଖାଇ ଏହାକୁ ବାରମ୍ବାର ଘୁଞ୍ଚାଇ ଚାଲିଥିଲେ । ଏଭଳି ପଦୋନ୍ନତି ପ୍ରକ୍ରିୟା ବିଳମ୍ବ ହୋଇଆସୁଥିବାରୁ ଅଫିସରମାନେ ଇନ୍‌ସ୍ପେକ୍ଟର ସ୍କେଲ୍‌ରେ ଦରମା ପାଉଥିଲେ । ପଦୋନ୍ନତି ପାଇପାରୁନଥିବା ଅଧିକାରୀ ବାର୍ଷିକ ୭୨ ହଜାର ଟଙ୍କାର ଆର୍ଥିକ କ୍ଷତି ସହି ଆସୁଥିଲେ । ରାଜ୍ୟରେ ପାଖାପାଖି ୧୭୦ ଡିଏସ୍‌ପି ପଦବୀ ଖାଲିପଡ଼ିଥିବା ବେଳେ ଗୃହ ବିଭାଗ ବୋର୍ଡ ବସାଇଥିବା ବେଳେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୁବ୍‌ଶୀଘ୍ର ପଦୋନ୍ନତି ଓ ନୂଆ ନିଯୁକ୍ତି ହେବାକୁ ଯାଉଥିବା ପୋଲିସ ମୁଖ୍ୟାଳୟ ସୂତ୍ରରୁ ସୂଚନା ମିଳିଛି ।



# ବିଭିନ୍ନ ସମସ୍ୟା ନେଇ ପଟ୍ଟାମୁଣ୍ଡାଇ ବ୍ଲକର ସମସ୍ତ ସରପଞ୍ଚ ଜିଲ୍ଲାପାଳଙ୍କୁ ଭେଟିଲେ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ସରପଞ୍ଚ ଭାରପ୍ରାପ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ରଙ୍କୁ ଭେଟି ବ୍ଲକର ବିଭିନ୍ନ ସମସ୍ୟା ସଂପର୍କରେ ୩ ଗୋଟି ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ବ୍ଲକର ୩୧ଟି ଗ୍ରାମ ପଞ୍ଚାୟତର ସମସ୍ତ ବିକାଶ ମୂଳକ କାର୍ଯ୍ୟ ତଦାରଖ କରିବାକୁ ଏକମାତ୍ର ସରକାରୀ ନିର୍ବାହୀଯନ୍ତ୍ରୀ ସକ୍ଷମ ହେଉନାହାଁନ୍ତି । ଫଳରେ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ ସମୟ ସୀମା ଭିତରେ ହୋଇପାରୁନାହିଁ । ତେଣୁ ସରକାରୀ ନିୟମ ମୁତାବକ ଅନ୍ୟଜଣେ ବରିଷ୍ଠ ସହକାରୀ ଯନ୍ତ୍ରୀଙ୍କୁ କିଛି ଗ୍ରାମ ପଞ୍ଚାୟତରେ କାର୍ଯ୍ୟ ତଦାରଖ କରିବାକୁ ଦାବି କରିଛନ୍ତି । ବ୍ଲକରେ ସୋସିଆଲ୍ ଅଡିଟର ନଳିନୀକାନ୍ତ ସ୍ୱାଇଁଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ତାଙ୍କୁ ଏଠାରୁ ବଦଳି କରିବାପାଇଁ ଦାବି କରାଯାଇଛି । ବହୁ କର୍ମଚାରୀ କାର୍ଯ୍ୟାଳୟକୁ ଆଦୌ କିମ୍ବା ଠିକ୍ ସମୟରେ ଆସୁନାହାଁନ୍ତି । ଯାହାଦ୍ୱାରା ବ୍ଲକକୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ସାଧାରଣ ଜନତା ନିରାଶ ହୋଇ ଫେରୁଛନ୍ତି । ଏହି ଦାବିପତ୍ର ଗୁଡିକୁ ଗୁରୁତର ସହ ବିଚାର କରାଯିବ ବୋଲି ନୀଲୁ ମହାପାତ୍ର ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ସନ୍ତୋଷ କୁମାର ସେଠୀ, ସଭ୍ୟ ରାଜଲକ୍ଷ୍ମୀ ବେହେରା, ସୁବାସ ଚନ୍ଦ୍ର ବାରିକ, ସମିତି ସଭ୍ୟ ସଭାପତି ଅଭୟ କୁମାର ସ୍ୱାଇଁ, ଉମେଶ ଚନ୍ଦ୍ର ମଲ୍ଲିକ, ସଂଗ୍ରାମ କେଶରୀ ବାରିକ, ଅନିଲ୍ କୁମାର ଲେଙ୍କା, ସୁନିଲ୍ ରଂଜନ ସାମନ୍ତରାୟ ପ୍ରମୁଖଙ୍କ ସହ ସମସ୍ତ ସମିତି ସଭ୍ୟ, ସରପଞ୍ଚ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୩ / ୨ବୃ | ଲର | ୧ସୂବୁଶୁରା / ୧୧ |
| ୪ମ | ୨୫ / ୧୨ | ୧୦ |
| ୫ / ୬କେ | ୭ | ୯ / ୮ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୨୫।୪।୨୦୨୫, ବୈଶାଖ ଦ୧୩ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୨୨।୨୯** **ଚନ୍ଦ୍ରୋଦୟ- ରାଘ ୩।୫୫।୫୮**

**ଦ୍ୱାଦଶୀ-** ଦିଘ ୧୧।୪୫ ପର୍ଯ୍ୟନ୍ତ । **ପୂର୍ବଭାଦ୍ର ନକ୍ଷତ୍ର-** ଦିଘ ୮।୫୩ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଦିଘ ୧୧।୪୫ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୫ ଗତେ ଘ ୬।୧୬ ମଧ୍ୟେ । ଦିଘ ୧୨।୧୦ ଗତେ ଘ ୨।୪୧ ମଧ୍ୟେ । **ପର୍ବୋତ୍ସବ-** ବିଶ୍ୱ ମ୍ୟାଲେରିଆ ଦିବସ ।



**ମେଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ । ଖର୍ଚ୍ଚର ପରିମାଣ ବଢ଼ିବ । ସତ କଥା କହି ବିରୋଧି ହୋଇପାରନ୍ତି । ପାରିବାରିକ ବିଶୃଙ୍ଖଳା ଦେଖାଦେବ । ମନ ଅସ୍ଥିର ରହିବାର ସୂଚନା ।



**ବୃଷ:** ବ୍ୟବସାୟ ମଧ୍ୟମ ଧରଣର ହେବ । ଦେବ ଦର୍ଶନ ସହ ଧର୍ମ କାର୍ଯ୍ୟ କରିପାରନ୍ତି । ବ୍ୟୟର ପରିମାଣ ବୃଦ୍ଧି ପାଇବ । ପାରିବାରିକ ଜୀବନ ସୁଖମୟ ହେବ । କଚେରି ମାମଲାରେ ଆଶାଜନକ ଫଳ ପ୍ରାପ୍ତ ହେବ ।



**ମିଥୁନ:** ଦୂରଯାତ୍ରା କରି ସଫଳତା ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ । ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।



**କର୍କଟ:** ବନ୍ଧୁଙ୍କ ଠାରୁ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବ । ମାନସିକ ଶାନ୍ତି ରହିବ । ପାରିବାରିକ ଜୀବନ ସୁଖମୟ ହେବ । ରୋଜଗାର ଭଲ ହେବ । ମହିଳାମାନେ ସୁଖୀ ହେବେ । ବ୍ୟବସାୟରେ ଲାଭବାନ୍ ହେବେ ।



**ସିଂହ:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଅନେକ ଦିନରୁ ଅଟକି ରହିଥିବା କାର୍ଯ୍ୟଟି ତ୍ୱରାନ୍ୱିତ ହେବ । ହଠାତ୍ ଶୁଭ ଖବର ପ୍ରାପ୍ତ ହେବ । ପାରିବାରିକ ଜୀବନରେ ଖୁସିର ଲହରୀ ଖେଳିବ ।



**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ । ଆପୋଷ ବୁଝାମଣା ଦ୍ୱାରା ବିବାଦର ସମାଧାନ ହେବ । ଆୟ ମଧ୍ୟମ ଧରଣର ହେବ । ଗୃହେ ଆନନ୍ଦ ଦେଖାଦେବାର ସୂଚନା ।



**ତୁଳା:** ମାଙ୍ଗଳିକ କାର୍ଯ୍ୟରେ ଯୋଗ ହୋଇପାରନ୍ତି । ଶରୀର ସୁସ୍ଥ ରହିବ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରିବେ । ରୋଜଗାର ଭଲ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମନ ଭଲ ରହିବ ।



**ବିଛା:** ସମସ୍ତ ବିବାଦର ଅବସାନ ଘଟିବ । ଚାକିରୀ କ୍ଷେତ୍ରରେ ସମ୍ମାନ ଲାଭ କରିପାରନ୍ତି । ଶତ୍ରୁ ନାଶ ହେବେ । ଆୟର ପରିମାଣ ବୃଦ୍ଧି ହେବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ଧନୁ:** କର୍ମକ୍ଷେତ୍ରରେ ସଫଳତା ଲାଭ ହେବ । ଯାନବାହାନ ଠାରୁ ସତର୍କତା ଅବଲମ୍ବନୀୟ । ରୋଜଗାର ଭଲ ହେବ । ମନରେ ଆନନ୍ଦ ଦେଖାଦେବ । ପାରିବାରିକ ଜୀବନ ସୁଖମୟ ହେବ । ମହିଳମାନେ ସୁଖୀ ହେବେ ।



**ମକର:** ଶରୀର ସୁସ୍ଥ ରହିବ । ମାଲିମୋକଦ୍ଦମାରେ ଶୁଣାଣି ନିଜ ସାପେକ୍ଷ ଜନିତ ହେବ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ଗୃହରେ ଆନନ୍ଦ ଦେଖାଦେବ । ବନ୍ଧୁ ଦର୍ଶନର ସୂଚନା ।



**କୁମ୍ଭ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭ କରିବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାମାନେ ସୁଖୀ ହେବେ । ଆୟର ପରିମାଣ ସ୍ଥିର ରହିବ । ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ମୀନ:** ଅଟକି ରହିଥିବା କାମଟି ଆପଣଙ୍କର ପୂର୍ଣ୍ଣ ହେବ । ସହକର୍ମୀଙ୍କ ସହଯୋଗ ମଧ୍ୟ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ । ଦେହ ଓ ମନ ଭଲ ରହିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୨୬।୪।୨୦୨୫, ବୈଶାଖ ଦ୧୪ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୨୧।୪୯** **ଚନ୍ଦ୍ରୋଦୟ- ନିଘ ୪।୩୭।୧୧**

**ତ୍ରୟୋଦଶୀ-** ଦିଘ ୮।୨୮ ଗତେ ଚତୁର୍ଦ୍ଦଶୀ କ୍ଷୟ । **ଉତ୍ତର ଭାଦ୍ର ଗତେ ରେବତୀ ନକ୍ଷତ୍ର କ୍ଷ: ଓ ମୀନ ଚନ୍ଦ୍ର-** ରାଘ ୩।୩୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । ରାଘ ୩।୩୮ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । ରାଘ ୩।୩୮ ଗତେ ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୮।୨୮ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୦ ଗତେ ଘ ୧୧।୦୧ ମଧ୍ୟେ । ରାଘ ୮।୨୧ ଗତେ ଘ ୧୦।୩୬ ମଧ୍ୟେ ।

# ଚିହ୍ନା ଅଚିହ୍ନା

ସୁଦର୍ଶନ ମହାପାତ୍ର



ମୋତେ ଅପେକ୍ଷା କରିବାକୁ କୁହା ଯାଇଥିଲା ଯେଉଁ ଜାଗାରେ ଅର୍ଥାତ ଇନଫୋସିସ ଗେଟ୍ ନମ୍ବର ୧ ପାଖରେ, ମୁଁ ବାଇକ୍ ଷ୍ଟାର୍ଟ ବନ୍ଦ କଲି ସେଇଠି। ମୁଣ୍ଡରୁ ହେଲମେଟ ବାହାର କରିନଥିଲି, ଡ୍ୟୁଟିରେ ଥିବା ସିକ୍ୟୁରିଟି ଗାର୍ଡ ଜଣକ ମୋ ପାଖରେ ଆସି ପହଞ୍ଚିଗଲେ।

ନିଜ ଦାୟିତ୍ୱ ନିର୍ବାହ ପୂର୍ବକ ସେ ଯେ ମୋ ପାଖକୁ ଆସୁଛନ୍ତି ମୁଁ ବୁଝି ପାରିଲି । ଅର୍ଥାତ୍ ସେ ଜାଗାରେ ମୋତେ ଠିଆ ହେବାକୁ ଅନୁମତି ନାହିଁ ବୋଲି ଚେତାବନୀ ଦେବାକୁ ଆସୁଛନ୍ତି ବୋଲି ମୁଁ ଦୃଢ଼ ନିଶ୍ଚିତ ଥିଲି। ହେଲେ ମୋ ପାଖରୁ ଖଣ୍ଡେ ଦୂରରେ ସେ ଠିଆହେଲେ ଏବଂ ଓଠରେ ପାରୁପର୍ଯ୍ୟନ୍ତ ହସଟିଏ ଫୁଟାଇଲେ। ତାଙ୍କ ହସ ସହିତ ମୁଁ ମଧ୍ୟ ହସ ଫୁଟାଇବାକୁ ବାଧ୍ୟ ହେଲି ।

ମୁଁ ସେତେବେଳକୁ ମୁଣ୍ଡରୁ ହେଲମେଟ ବାହାର କଲି ଏବଂ ତତକ୍ଷଣାତ୍ ତାଙ୍କ ମୁହଁରୁ ହସ ଲିଭିଗଲା। ମୁଁ ଦ୍ୱିଧାରେ ପଡିବା ସ୍ୱାଭାବିକ। ମୋର ସାମାନ୍ୟ ଅନ୍ୟମନସ୍କତାର ସୁଯୋଗ ନେଇ ସେ ମୋ ପାଖରୁ ଦୂରେଇ ଯାଇଥିଲେ। ମୋ ଭଳି ସେ ବି ଏବେ ଆଶ୍ୱସ୍ତି ଅନୁଭବ କରୁଥିବେ ମୁଁ ନିଶ୍ଚିତ ଭାବେ କହିପାରେ।

ଏମିତି ଅଚିହ୍ନା ବି ବେଳେବେଳେ ଚିହ୍ନା ଚିହ୍ନା ଲାଗନ୍ତି ଏବଂ ପର ମୁହୂର୍ତ୍ତରେ ଚିହ୍ନା ଲାଗୁଥିବା ଲୋକ ଅଚିହ୍ନା ବୋଧଗମ୍ୟ ହେଲା ବେଳକୁ କେମିତି ଏକ ଅସ୍ୱସ୍ତି ଭାବ ମନରେ ଉକୁଟି ଉଠେ।

ସେ ଯାହାହେଉ ମୁଁ ମୋ ଜାଗାରେ ସ୍ଥିର ରହିଲି ଏବଂ କିଛି କ୍ଷଣ ଭିତରେ ବାଇକ୍ ରାସ୍ତା କଡରେ ଷ୍ଟାଣ୍ଡ କରି ପାର୍ଶ୍ୱରେ ଥିବା ରେଲିଂ ଉପରେ ବସିଲି।

ପ୍ରକୃତରେ ମୁଁ ଅପେକ୍ଷା କରୁଥିଲି ଦୁଇ ଜଣଙ୍କୁ। ଜଣକୁ ଯିଏ ମୋତେ ଏଇ ସ୍ଥାନ ବଡେଇ ଥିଲେ ଅପେକ୍ଷା କରିବାକୁ ଏବଂ ଆଉ ଜଣଙ୍କୁ ଯାହାଙ୍କୁ ଆମେ ଦୁହେଁ ମିଶି ଭେଟିବାକୁ ଥିଲା।

ନିର୍ଦ୍ଦିଷ୍ଟ ସମୟରେ ମୁଁ ପହଞ୍ଚି ସାରିଥିଲି। ହେଲେ ଯାହାଙ୍କୁ ମୁଁ ଚିହ୍ନେ ଏବଂ ଅପେକ୍ଷା କରୁଥିଲି, ସେପର୍ଯ୍ୟନ୍ତ ଆସି ନଥିଲେ ସେ। ଅଗତ୍ୟା ପ୍ରଥମ ଥର ଗୋଟିଏ ଜାଗାକୁ ଯାଇଥିବା ଲୋକ କ'ଣ କରିବ? ଏପଟ ସେପଟ କରି ଚିହ୍ନା ଲୋକ ଏବଂ ସେଇ ଅଚିହ୍ନା ଲୋକଙ୍କ ପାଇଁ ଉଦବିଗ୍ନତାର ସହିତ ଆଖି ବୁଲାଉଥିଲି।

ଟିକିଏ ସମୟ ପରେ ଫୋନ୍ କଲ୍ ଆସିଲା ଚିହ୍ନା ଲୋକଙ୍କ ଠାରୁ।

-'ମଉସା ପହଞ୍ଚି ଗଲେଣି? ଜୟଦେବ ବିହାର ପଟରେ ଯାଉଛି। ରାସ୍ତା ଜାମ ଅଛି। ଆହୁରି ବୋଧେ ପନ୍ଦର କୋଡ଼ିଏ ମିନିଟ ସମୟ ଲାଗିଯିବ।'

ଠିକ୍ ଅଛି କହି ଫୋନ୍ ରଖିଲି।

ଏତିକି ବେଳକୁ ନଜର ପଡିଲା ରାସ୍ତା ଆରପଟେ ଠିଆ ହୋଇଥିବା ପିଲାଟି ଉପରେ। ସ୍କୁଟି ଉପରେ ବସି କାହା ସହିତ ଫୋନ୍‌ରେ କଥା ହେଉଥିଲା। ଏଇ ହେଇଥିବ କି ସେଇ ଅପରିଚିତ ପିଲାଟି! ମୁଁ ମଝିରେ ମଝିରେ ତା ଆଡକୁ ଚାହୁଁଥିଲି। ଏଇ ସମୟରେ ପିଲାଟି ହଠାତ୍ ସ୍କୁଟି ଷ୍ଟାର୍ଟ କରି ଚାଲିଗଲା।

ମୁଁ ଆଶ୍ୱସ୍ତି ଅନୁଭବ କଲି। କାରଣ ପିଲାଟିର ହାବଭାବ ମୋତେ ଆଦୌ ଭଲ ଲାଗୁନଥିଲା। ସତକଥା କହିଲେ ତା'ର ଚୁଟି କଟା ଷ୍ଟାଇଲ, କେଶର ରଙ୍ଗ ଇତ୍ୟାଦି ମୋର ପସନ୍ଦ ନଥିଲା। ମୁଁ ଭାବୁଥିଲି ଇନଫୋସିସରେ ଏ ପିଲା କେବେ ବି ଚାକିରି କରୁନଥିବ।

ଅବଶ୍ୟ ସେ ପିଲାଟି ଯିବା ପୂର୍ବରୁ ଆଉ ଜଣେ ଆସି ଟିକିଏ ଦୂରରେ ଗୋଟିଏ ଗଛ ଛାଇରେ ଏପଟ ସେପଟ ହେଉଥିଲେ। ମୋ ଆଡକୁ ଚାହୁଁଥିଲେ ବୋଲି ମୋତେ ଲାଗିଲା। ହେଲେ ରାସ୍ତା ସେପଟକୁ ଯାଇ କାହାକୁ ଅପେକ୍ଷା କରୁଛନ୍ତି ବୋଲି ପଚାରିବାଟା ନିଶ୍ଚୟ ଧୃଷ୍ଟତା ହେବ! ନିଜକୁ ସେଥିରୁ ନିବୃତ୍ତ କରାଇଲି।

ଭଲଭାବରେ ଲକ୍ଷ୍ୟ କରି ଜାଣିଲି ଆମେ ଯାହାଙ୍କୁ ଭେଟିବାର କଥା ସେ କେବେ ବି ଏମିତି ହୋଇନଥିବେ! ବୟସ୍କ ଲାଗୁଥିବା ଏଇ ଲୋକ କେବେ ବି ଏତେ ଦିନ ପର୍ଯ୍ୟନ୍ତ ବ୍ୟାଚଲର ନଥିବେ!

ଏଇ ସମୟରେ ମୋ ପାଖ ଦେଇ ଜଣେ ଯୁବକ ସ୍କୁଟି ଚଲେଇ ଗଲେ ଏବଂ ବୁଲି ମୋ ଆଡକୁ ଚାହୁଁଥିଲେ ବୋଲି ଅନୁଭବ କଲି। ତାଙ୍କ ବାଟକୁ ଚାହିଁ ରହିଥିଲି କିନ୍ତୁ କିଛି ଦୂରରେ ହଠାତ୍ ସେ ଗାଡି ଅଟକେଇଲେ ଏବଂ ଦେଖିଲି ଝିଅଟିଏ ଯାଇ ତାଙ୍କ ପଛରେ ଚୁପକି ବସିଲା। ମୁହଁ ଫେରାଇ ଆଣିଲି ସେଇଠୁ।

ରାସ୍ତା ଅପରପାର୍ଶ୍ୱକୁ ପୁଣି ଚାହିଁଲି। ଆଉଜଣେ ଇତି ମଧ୍ୟରେ ସେଇ ଗଛମୂଳେ ଠିଆ ହୋଇଥିଲେ। ସେ ଖାଲି ତ ଠିଆ ହୋଇ ନଥିଲେ ସିଗାରେଟ ଟାଣିବା ଭିତରେ କାହା ସହିତ ମୋବାଇଲ୍‌ରେ କଥା ହେଉଥିଲେ। ତାଙ୍କର କଥା ସରୁନଥିଲା କିମ୍ବା ମୁହଁରୁ ସିଗାରେଟ ଧୂଆଁ ବାହାରିବା ମଧ୍ୟ କମୁନଥିଲା।

ସିଗାରେଟ ଟାଣୁଥିବା ବ୍ୟକ୍ତି ମୋର ଆଦୌ ପସନ୍ଦ ନୁହଁନ୍ତି। ଯଦି ସେଇ ପିଲା ହୋଇଥିବ ମୁଁ କେବେବି ମୋ ଝିଅକୁ ତା ସହିତ ବାହା ଦେବାକୁ ରାଜି ହେବିନି ବୋଲି ଭାବନା ଭିତରେ ମୋର ଚିହ୍ନା ପରିଚିତି ଯୁବକ ଜଣକ ଆସି ପହଁଚିଗଲେ।- "ମଉସା, ଡେରି ହୋଇଗଲା। କ୍ଷମା କରିବେ। ମୋତେ ଯିଏ ଏ ପ୍ରସ୍ତାବ ଦେଇ କହିଥିଲେ ପିଲାଟି ଇନଫୋସିସରେ ଚାକିରି କରିଛି ବୋଲି, ଏବେ ପଚାରିବାରୁ କହୁଛନ୍ତି ପିଲାଟି ଏଇଠି ସିକ୍ୟୁରିଟି ଗାର୍ଡ ଚାକିରି କରୁଛି। ତାଙ୍କୁ ଭେଟି ଆସିଲା ବେଳକୁ ଡେରି ହୋଇଗଲା। ହେଲେ ପ୍ରକୃତ ଘଟଣାଟା କ'ଣ ଜଣା ପଡ଼ିଗଲା ତ! ଚାଲନ୍ତୁ ଟିକେ କ'ଣ ଖାଇଦେଇ ତାପରେ ଯିବେ।'

ମଧସ୍ଥ କାମ କରୁଥିବା ସେଇ ଯୁବକଙ୍କୁ ଖୁଆଇ ସାରି ଯଥାଶୀଘ୍ର ତାଙ୍କ ପାଖରୁ ବିଦାୟ ନେଲି । ବାଟରେ ଭାବୁଥିଲି ଚିହ୍ନା ଚିହ୍ନା ଆଖିରେ ଚାହିଁ ମୁହଁରେ ହସ ଫୁଟାଇ ଥିବା ସେଇ ସିକ୍ୟୁରିଟି ଗାର୍ଡ ଜଣକ କ'ଣ କିଛି ଖବର ପାଇଥିଲେ କି...??

କୁଞ୍ଜବିହାରୀ ଲେନ, କଟକ
ମୋ-
୯୪୩୮୧୭୫୫୪୨

# ଚାଇନା କପ

ସୁନନ୍ଦା ମହାନ୍ତି

ଆଜି ସମୁଦ୍ରକୂଳର ଶେଷ ଭାଗ ରାସ୍ତାରେ ଗଢିଉଠିଥିବା ତାଜ ହୋଟେଲରେ କଣ ସବୁ ହେଉଥିଲା। ମାଆର ଦାଇତ୍ୱ ଥିଲା ବାତାବରଣକୁ ଥରକୁ ଥର ପରିଷ୍କାର କରିବା। ମୁନି ବି ବହୁ ନେହୁରା ହୋଇ ଯାଇଥିଲା ମାଆ ସହ ସେଠିକୁ। ବାପୋ, କେତେ ବଡ଼ ବଡ଼ ବାବୁ ବାବୁଆଣୀଙ୍କ ସହ କେତେ ପରୀ ଭଳି ଝିଅପିଲା ସବୁ ସେଠି। ଠିକ ତା ଦିଦି ବୟସର ହେବେ ହେଲେ ଦିଦିଟା ବାହା ହେଲା ପରେ ମଧ୍ୟ ତାଙ୍କ ଘରେ ଆସି ତା ଛୋଟ ପୁଅ ସହ ରହୁଛି। ହେଲେ ଏ ପରୀସବୁ କେତେ ସୁନ୍ଦର ସୁନ୍ଦର ଡ୍ରେସରେ ସଜେଇ ହୋଇ କାନରେ ଝୁମୁକା ପିନ୍ଧି, କେତେ ପ୍ରକାର ଫଟୋ ଉଠାଇ ଥରକୁ ଥର ୱାସରୁମ ଭିତରକୁ ଯାଇ କଣ ଏତେ କରୁଛନ୍ତି କେଜାଣି ମାଆ ଡକରା ହୋଇ ଥରକୁ ଥର ଯାଉଛି. ରାଇଜର ରାଜ୍ୟପାଳ ଆସିଛନ୍ତି ତାଙ୍କ ସଙ୍ଗେ ପୁଣି ପୁରୀ ସହରର ବଡ଼ ବଡ଼, ନେତା ମେୟର ଲୋକ। ସେମାନେ ଗଲାପରେ ତସଲିମା ନସରିନ ନାମକ ଜଣେ ମହିଳାଙ୍କୁ ଇଂରାଜିରେ କଣ ସବୁ ପଚାରୁଥିଲେ ଷ୍ଟେଜରେ ଭାଇ ଜଣେ ଯେ ଲୋକେ କେତେ ଟୁପୁରୁ ଟାପୁରୁ ହେଉଥିଲେ ତାଙ୍କ ବିଷୟରେ। ସେ କୁଆଡେ ଏଣୁତେଣୁ ଲେଖି ଦେଶରୁ ତଡା ଖାଇ ଅନ୍ୟ ଦେଶରେ ରହୁଛନ୍ତି। ତା ଦିଦି ମଧ୍ୟ ତା ଶାଶୁଘରୁ ତଡା ଖାଇଛି କାରଣ ତା ଶଶୁର କଫି କପ ଭାଙ୍ଗିଦେବାରୁ ତା ବର କହିଥିଲେ ସେ କପଟା କୁଆଡେ ତାଙ୍କର ସ୍ମୃତି ଥିଲା। ବପାଙ୍କୁ ବୟସ ହେଲାଣି ସେଥିରେ ନଦେଇ ଅନ୍ୟ ଷ୍ଟିଲ ଜାଗାରେ ଦେବାର ଥିଲା। ଏଇ କଥା ବଢି ବଢି ଦିଦିକୁ ତା ବର ମାନେ ତା ଭିଣୋଇ ସଣ୍ଢା ଶିଖାଇନ କହି ଛାଡ଼ିଦେଇ ଗଲେ ମାଆ ପାଖରେ । ଦିଦି ପରି ଏଡ଼େ ସୁନ୍ଦର ଦିଶୁଥିବା ଏହି ବଙ୍ଗୀୟ ମହିଳା କଣ ଏମିତି କାହା ନାଁରେ ଲେଖିଲେ କେଜାଣି, ମୁନି ମୁଣ୍ଡରେ ପଶୁନଥିଲା କିନ୍ତୁ ଏବେବି ସେ ତାଙ୍କ ରାଇଜ ଭାଷାକୁ ଭଲ ପାଆନ୍ତି କହିଲା ବେଳେ ମୁନିର ତା ଦିଦି କଥା ମନେପଡ଼ିଲା। ସେ ବି ତା ବର ଓ ଶାଶୁଘରକୁ ଭଲପାଏ। ଏଠି ବାପା ନଥିବା ଘରେ ମାଆର କିଞ୍ଚିତ ଦରମାରେ ତା ଦିଦିର ପାଟିର ଅରୁଚି ଛାଡୁନି କି କୁନି ପୁଅର ଆବଶ୍ୟକତା ପୂରଣ ହୋଇପାରୁନି। କବାଟ ଫାଙ୍କରୁ ମୁନି ପୁଣି ଦେଖୁଥିଲା ଓ ଇଂରାଜି ବୁଝିପାରୁନଥିଲେ ମଧ ବଡ଼ ବଡ଼ ଏନଜିଓ ଓ କମ୍ପାନୀରୁ ଆସିଥିବା ଅଫିସରମାନେ, ଯୁବକ ଗୋଷ୍ଠୀଙ୍କୁ ଜିରୋରୁ ହିରୋ ହୋଇପାରିବା କ୍ଷମତା ଆପଣେଇବାକୁ ପ୍ରଥମେ ନିଜ ଘରକୁ ଆସୁଥିବା କାମବାଲୀ ମାଉସୀ, କ୍ଷୀରବାଲା ଭାଇନାଙ୍କୁ ନିସ୍ୱାର୍ଥପର ଭାବେ ସହଜ ଉପାୟରେ କିପରି ରୋଜଗାର କରିହେବ ସେକଥା ଆଡକୁ ନଜର ଦେଇ ଆମ ରାଇଜରେ କଣ ସବୁ ପ୍ରକଳ୍ପ ଅଛି ବୁଝେଇବାକୁ ପଡିବ ବୋଲି କହୁଥିଲେ ତ ଦର୍ଶକ ମଣ୍ଡଳୀରେ ବସିଥିବା ଲୋକେ କଣ ସବୁ ବଢିଆ ବଢିଆ କୁହାକୁହି ହେଉଥିଲେ ଯେ ପ୍ରକଳ୍ପ ଓ ବିକଳ୍ପ ପରି ଶବ୍ଦ ଗୁଡା ମୁନି ବୁଝିପାରୁନଥିଲା ଜମା।

ଦ୍ୱିତୀୟ ରାଉଣ୍ଡ ଆଲୋଚନା ପର୍ଯ୍ୟାଲୋଚନା ପୂର୍ବରୁ କେତେ ସୁନ୍ଦର ସୁନ୍ଦର ପ୍ଲେଟ, କପ, ଗିନା ସବୁରେ ନିଜେ ନିଜେ ମନପସନ୍ଦ ଅନୁଯାଇ ଖାଦ୍ୟ ପରଷିନେଇ ଖାଇବା ଆରମ୍ଭ କାରିଥିଲେ ସମସ୍ତେ। ସେ ଭିତରେ ପଶିତୁ ଖାଇନେ ବୋଲି ମାଆ ଯେତେ ଠାରିଲେ ମଧ ମୁନି ତା ନିଜ ପୁରୁଣିଆ ମସିଆ ଡ୍ରେସରେ ସେ ଗହଳିରେ ନପଶି ମାଆ ସହ ଖାଇବ ଭାବୁ ଭାବୁ ଦେଖୁଥିଲା ପ୍ଲେଟରେ କେତେ କେତେ ଖାଦ୍ୟ ସବୁ ଛାଡି ଯାଉଛନ୍ତି ଲୋକେ। ତା ଦିଦି କୁଆଡେ ଏମିତି ସବୁ ଖାଇବା ଖାଏ କାରଣ ତା ବର ହୋଟେଲ ବୟ ନା! ମାଆ ପାଖେ ରହିବା ପରଠୁ ତା ପାଟିରେ ଏସବୁ ବାଜିନି। ସହଜେ ଦାମୀ କପ ତା ଭୁଲରୁ ଭାଙ୍ଗିଛି କହିଲେ ସେ ନିଜ ସପକ୍ଷରେ ସଫେଇ ଦେଇନପାରି ଭାରି ଗୋଳେଇ ଘାଣ୍ଟି ହେଉଛି ଠିକ ସେହି ତସଲିମା ନସରିନଙ୍କ ଭଳି। ତାଙ୍କୁ ମଧ କୁଆଡେ ଜେହାଦୀମାନେ ମାରିଦେଇ ପାରନ୍ତି। ହେଲେ ଜେହାଦୀ କିଏ, ସେମାନେ କାହିଁକି ତା ମାଆ ବୟସରୁ ଅଧିକ ବଡ଼ କିନ୍ତୁ ଏଡ଼େ ସୁନ୍ଦର ମହିଳାଙ୍କୁ ମାରିବେ?

ଏ ଲୋକେ ଭାରି ମିଛୁଆ ଭାବୁ ଭାବୁ ତା ଦୃଷ୍ଟିରେ ଖାଦ୍ୟ ନୁହେଁ ବା ଖାଦ୍ୟ ସବୁକୁ ଏକାଠି କରି ପଲିଥିନରେ ସଜାଡ଼ି ରଖିଥିବା ନାରୁ ମାଉସୀ କି କଲି ମାଉସୀ କି ଫୁଲ ମାଉସୀ ସଜାଡ଼ି ରଖିଥିବା ଖାଦ୍ୟ ଆଡକୁ ତାର ନଜର ନଥିଲା ବରଂ ଥିଲା ସେଇ ସୁନ୍ଦର ସୁନ୍ଦର ଚାଇନା ପ୍ଲେଟ କପ ଓ କଫି କପ ଉପରେ। ତ ଥିଲା ଥିଲା ମୁନି ଗୋଟେ କପ ଧରି ଏକାମୁହାଁ ଦୌଡ଼ିଲା। ଏଇଟା ଦିଦି ପାଇଲେ ଖୁସି ହେବ। ଭିଣୋଇଙ୍କ ଦେଇ ଶାଶୁଘର ଫେରିଯିବ। ହେଇ ହେ ଇତ୍ୟାଦି ଶବ୍ଦ କରି ପୋଲିସ ଗାର୍ଡ ପଡ଼ିଥିଲେ ମୁନି ପଛରେ ତ କପଟିକୁ ଧରି ଦୌଡ଼ୁ ଦୌଡ଼ୁ ମୁନି ଉପରେ ଚଢିଯାଇଥିଲା କାରଟିଏ । ସବୁ ଆଶା ସ୍ୱପ୍ନ ସେଇଠି ଭାଙ୍ଗି ଯାଇଥିଲେ ବି କପଟି ଅକ୍ଷୁର୍ଣ୍ଣ ଥିଲା। କପ ନନେଇ ଗାର୍ଡ ସବୁ ଫେରିଗଲେ ସିନା ମୁନିର ମାଆ ସେହିଦିନୁ ଫେରିପାଉନଥିଲା ନିଜ ସ୍ମୃତିକୁ। କଣ ଖାଉଥିଲା କି ନଖାଉଥିଲା କିଏ ଜାଣେ! ଲୋକେ କିନ୍ତୁ କହୁଥିଲେ ବାୟାଣୀ ହୋଇଗଲା ବିଚରା ମୁନିର ମାଆଟି।

ସାକ୍ଷୀଗୋପାଳ
ପୁରୀ
୯୦୪୦୯୭୭୩୨୭

# ଏ କ୍ଷତି କାହାର

କିରଣ ମିଶ୍ର



୨ ଦିନ ତଳେ କାଶ୍ମୀର ଟୁରିଷ୍ଟ ମାନଙ୍କ ଉପରେ ଆକ୍ରମଣ ଓ ସେଥିରେ ଅଠେଇଶି ଜଣ ନିହତ ହୋଇଥିବା ଘଟଣା ସମସ୍ତ ଭାରତବର୍ଷରେ ଶୋକର ଛାୟା ଖେଳାଇ ଦେଇଛି ।ବିଶ୍ୱ ମାନବବାଦ ଉପରେ ଏହା ଏକ ଶକ୍ତ କୁଠାରାଘାତ। ସମସ୍ତେ ଉକ୍ତ ଘଟଣାରେ ବିଚଳିତ ହୋଇଯାଇଛନ୍ତି। କାଶ୍ମୀର ଯାଇ ଭୂସ୍ୱର୍ଗ ଦର୍ଶନର ଇଚ୍ଛା ପର୍ଯ୍ୟଟକ ମାନଙ୍କ ମନରୁ ପୋଛି ହୋଇଯିବ ନିଶ୍ଚୟ।

ଦୁଇବର୍ଷ ତଳର ଘଟଣା, ଆମେ କାଶ୍ମୀର ଯାଇଥାଉ। ମନରେ କିନ୍ତୁ ଭୟ ଥାଏ। ରାତି ଆଠଟା ବେଳକୁ ରାସ୍ତାଘାଟ ଶୂନଶାନ। ମନର ଭୟ ସ୍ୱତଃ ପାଟି ବାଟଦେଇ ପ୍ରକାଶ ପାଇଗଲା। ଉତ୍ସୁକତା ସମ୍ଭାଳି ନପାରି ଡ୍ରାଇଭର ଟିଙ୍କୁ ପଚାରି ଦେଇଥିଲି 'ଭାଇ ସାହେବ! ୱହାଁ କୋଇ ଡର୍ ନେହିଁ ଲଗେଗା ତୋ!

ସେ ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲା-ଟୁରିଷ୍ଟମାନେ ହେଉଛନ୍ତି ଆମପାଇଁ ଭଗବାନ। ଆପଣ ଆଠଦିନ ରହିବା ଭିତରେ ଆମମାନଙ୍କ ସମ୍ପର୍କରେ ଯାହା ଶୁଣୁଛନ୍ତି ତାହା ସତ କି ମିଛ ଜାଣିଯିବେ। ଯାହାସବୁ ଶୁଣିଛନ୍ତି ମିଡ଼ିଆବାଲା ଅପପ୍ରଚାର କରୁଛନ୍ତି। ଆପଣ ନିଶ୍ଚିନ୍ତରେ ବୁଲିକି ଯାଆନ୍ତୁ।

ସାତ ଦିନ ଭିତରେ ସତରେ କିଛି ଭୟ ବାତାବରଣ ଥିବା ପରି ମନେ ହୋଇନଥିଲା। ବୋଧହୁଏ ଏଥି ପାଇଁ ମନେ ହୋଇନଥିଲା, ଶ୍ରୀନଗରର ପ୍ରତ୍ୟେକ ସ୍ଥାନ ପୋଲିସର କଡ଼ା ସୁରକ୍ଷା ଭିତରେ ଥିଲା। ସ୍ଥାନୀୟ ଲୋକସଂଖ୍ୟା ଯେତିକି ପୋଲିସ୍ ସଂଖ୍ୟା ସେତିକି ଭଳି ମନେହୋଇଥିଲା।

ସାତ ଦିନ ରହଣି ଭିତରେ ମୁଁ ଡ୍ରାଇଭର ସହିତ ସେଠାକାର ସାମାଜିକ, ଅର୍ଥନୈତିକ, ରାଜନୈତିକ ଜୀବନ ଶୈଳୀ ସମ୍ବନ୍ଧରେ ଅନେକ କଥା ହୋଇଛି। ସତ କହିବାକୁ ଗଲେ କାଶ୍ମୀରର ପ୍ରଧାନ ଶିଳ୍ପ ହେଉଛି ପର୍ଯ୍ୟଟନ। ଏହାରି ଉପରେ ସେମାନଙ୍କ ଅର୍ଥନୈତିକ ସ୍ଥିତି ନିର୍ଭର କରୁଛି। ହୋଟେଲ, ଡ୍ରାଏ ଫ୍ରୁଟ୍ସ ଦୋକାନ, ଘୋଡାରେ ପର୍ଯ୍ୟଟକଙ୍କୁ ପେହଲଗାଓଁ, ସୋନମାର୍ଗ, ଗୁଲମାର୍ଗ ଭ୍ରମଣ କରାଇବା,ବିଭିନ୍ନ ପୋଷାକ ଭଡ଼ାରେ ଦେବା, ଶାଲ୍ ଡ୍ରେସ୍ କପଡା ବିକ୍ରି କରିବା ଇତ୍ୟାଦି ପର୍ଯ୍ୟଟକଙ୍କ ଆବଶ୍ୟକତାକୁ ଉପଲବ୍ଧି କରି ଅନେକ ପ୍ରକାର ବ୍ୟବସାୟ ହୋଇଥାଏ। ଏହାରି ଉପରେ ନିର୍ଭର କରି ସେଠାକାର ଲୋକ ଚଳିଥାନ୍ତି।

କଥା ପ୍ରସଙ୍ଗରେ ଡ୍ରାଇଭରଟି କରୋନା ସମୟରେ ସେମାନଙ୍କ ଦୟନୀୟ ଅବସ୍ଥା ସମ୍ପର୍କରେ କହିଥିଲା। ସେ ସମୟରେ ଟୁରିଷ୍ଟ ନଆସିବାରୁ ଭୟଙ୍କର ଆର୍ଥିକ ଦୁର୍ଗତି ଭିତରେ ସେମାନେ ଗତି କରିଥିଲେ। ଧାରା ୩୭୦ ଉଠିବା ସମୟରେ ବି ସେମାନଙ୍କ ଅବସ୍ଥା ଶୋଚନୀୟ ଥିଲା। ଏଇ କିଛି ବର୍ଷ ହେବ ସେମାନଙ୍କର ଆୟରେ କିଛିଟା ସ୍ୱଚ୍ଛଳତା ଆସିଛି।

ଗତକାଲିର ଘଟଣା ପରେ ନିଶ୍ଚୟ ପର୍ଯ୍ୟଟକମାନେ ସେଠାକୁ ଯିବାକୁ ଭୟ କରିବେ ବା ଯିବେନି। ଯାହା ସେମାନଙ୍କ ଅର୍ଥନୈତିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଇବ। ଯେଉଁ ଆତଙ୍କୀମାନେ କେଉଁ ଧର୍ମର ବୋଲି ପଚାରି ଗୁଳି ମାରିଥିଲେ, ତାଙ୍କରି ଧର୍ମର ଲୋକ ବର୍ତ୍ତମାନ ଅସୁବିଧାର ସମ୍ମୁଖିନ ହେବେ। ସେମାନେ ନିଜକୁ ଯେଉଁ ଧର୍ମର କହୁଥିଲେ ବି, ଆତଙ୍କବାଦୀଙ୍କ କୌଣସି ଧର୍ମ ହିଁ ନଥାଏ। ଯଦି ଥା'ନ୍ତା ସେମାନେ ସେଠାକାର ଲୋକଙ୍କ କଥା ଚିନ୍ତାକରି ଥା'ନ୍ତେ। ପର୍ଯ୍ୟଟନ ଉପରେ ନିର୍ଭର କରି ଯେଉଁମାନଙ୍କ ପେଟ ପୋଷନ୍ତି, ଦୁଇ ଓଳା ଦୁଇମୁଠା ଖାଇବାକୁ ପା'ନ୍ତି ସେମାନଙ୍କ କଥା ଭାବିଥାନ୍ତେ। ୨୮ ଜଣଙ୍କୁ ମାରି ସେମାନଙ୍କ ସଂସାରର ଛାରଖାର କଲେ, ତା ସହିତ ଚବିଶ ହଜାର ଲୋକଙ୍କ ପେଟକୁ ବି ଲାତ ମାରିଲେ।

ବୁଝିବା ଦରକାର ଆମେ ପ୍ରଥମେ ମଣିଷ, ତା ପରେ କୌଣସି ଧର୍ମର। ସତରେ ସେଇ ସୈତାନ୍ ମାନଙ୍କୁ କୌଣସି ଧର୍ମ କ୍ଷମା ଦେବେନି!!!

ଭୁବନେଶ୍ୱର

# ଭିନ୍ନ ଏକ ପ୍ରେମ

ସତ୍ୟବ୍ରତ ଦାସ



ଆଜି ଅଫିସ୍‌ରୁ ଫେରିବା ସମୟରେ ତମ ଅଫିସ୍ ସାମ୍ନା ବଜାର ପାଖରେ ଗାଡ଼ିଟିକୁ ଦେଖି ଅଟକି ଯିବାକୁ ମନ ହେଲା, ଅଟକିବାର କାରଣ ଗାଡ଼ିର ରଙ୍ଗ । କୌତୁହଳ ବଶତଃ ପାଖକୁ ଯାଇ ଦେଖେ ତ ଗାଡ଼ି ନମ୍ବର ବି ସମାନ । ହେଲେ ତମର ତ ମୋ ସହର ଛାଡ଼ି ଚାଲି ଯିବାର ଥିଲା, ତେବେ କିଏ ଏ ଗାଡ଼ିର ମାଲିକ ଜାଣିବା ପାଇଁ ସେ ଗାଡ଼ି ପାଖେ ମୋ ଗାଡ଼ିକୁ ରଖିଦେଇ ଅପେକ୍ଷା କରିବାକୁ ଶ୍ରେୟସ୍କର ମନେ କଲି।

ଗାଡ଼ି ରଖିଲା ପରେ ମନେ ପଡ଼ିଲା ମୋ ମୋବାଇଲ୍ ଗ୍ୟାଲେରୀରେ କେବେଠୁ ଅଣ ଲେଉଟା ଅବସ୍ଥାରେ ପଡ଼ିଥିବା ତମ ଫଟୋକୁ ଆଡ଼େଇବା ପାଇଁ, ମୋବାଇଲ୍ କାଢ଼ି ଫଟୋ କାଢ଼ିଲା ବେଳକୁ ହଠାତ୍ ଭିଡ଼ ଭିତରୁ ଦିଶୁଥିଲା ଗୋଟେ ଚିହ୍ନା ଚେହେରା । ସେପଟେ ମୋବାଇଲ୍‌ରେ ତୁମ ଫଟୋ ଆଉ ଏପଟେ ବଜାର ଭିଡ଼କୁ ଚିରି ମୋ ସାମ୍ନାରେ ଉଭା ଥିଲ ତୁମେ।

ଦୂରରୁ ଦିଶୁ ଥିଲା

'ତୁମ ସିନ୍ଥିର ସିନ୍ଦୂର, ଗଳାର ମଙ୍ଗଳସୂତ୍ର

ଆଖିରେ ଖୁସିର ଢ଼େଉ, ଓଠରେ ହସର ଜୁଆର

ପାଦରେ ପାଉଁଜି ଆଉ ପ୍ରେମ ରଙ୍ଗ ଅଳତାର

ହାତରେ ନାଲି ଶଙ୍ଖା ଚୁଡ଼ି ଆଉ ଛନ୍ଦା ହାତ ଜୀବନ ସାଥୀର..'

ଏତେ ସଜରେ ପରୀଟିଏ ପରି ଦିଶୁଥିଲ କେବଳ। ଧୀରେ ଧୀରେ ଆମ ଭିତରର ଦୂରତା କମିବାରେ ଲାଗିଥିଲା। ତୁମେ ବେଶ୍ ଖୁସିରେ ନିଜ ଗାଡ଼ି ଆଡ଼କୁ ଆସୁଥିବାର ଦେଖି ମୁଁ ସେଠୁ ଦୂରକୁ ଚାଲିଯିବାକୁ ମନସ୍ଥ କଲି, ହେଲେ ସମୟ ଅଭାବରୁ ମୋ ଗାଡ଼ିଟିକୁ ସେଠି ଛାଡ଼ି ଦେଇ କିଛି ଦୂର ଆଗେଇଗଲି। ଆଉ ସେଠି ରହି ଲକ୍ଷ୍ୟ କଲି ଗାଡ଼ି ପାଖେ ପହଞ୍ଚିଲା ପରେ ହସ ଖୁସିରେ ଭରିଥିବା ତୁମର ସେ ଚେହେରା ହଠାତ୍ କାହାକୁ ଖୋଜିଲା ପରି।

ହୁଏତ ତୁମ ଗାଡ଼ି ପାଖରେ ଥିବା ଗାଡ଼ିଟିକୁ ଦେଖିଲା ପରେ ତୁମେ ଚିହ୍ନି ସାରିଥିଲ ସେ ଗାଡ଼ିର ମାଲିକକୁ, ଆଉ ସେ ଭିଡ଼ ଭିତରେ ଖୋଜି ଚାଲିଥିଲ ନିଜ ନଜରରେ ବେଶ୍ କିଛିସମୟ, ସେପଟେ ଜୀବନ ସାଥିର ଡ଼ାକରେ ପ୍ରକୃତିସ୍ଥ ହେଲା ପରେ ପୁଣି ତୁମ ଓଠରେ ହସକୁ ଖେଳେଇ ଦୁହେଁ ଫେରିଯାଉଥିଲ ନିଜ ସ୍ୱପ୍ନର ଦୁନିଆକୁ।

ସେବେଠୁ ମୁଁ ଫି' ଦିନ ଅଫିସ୍‌ରୁ ଫେରିବା ସମୟରେ ବଜାର ସାମ୍ନାରେ ସେ ଗାଡ଼ିକୁ ଖୋଜେ, ଅପେକ୍ଷାରେ ହଜେ ଆଉ ସେ ମିଠା ହସକୁ ମନେ ପକେଇ ଟିକେ ହସି ଦେଇ ପୁଣି ପୁରୁଣା ସ୍ମୃତି ରେ ଭିଜେ...

ଏଇତ ପ୍ରେମ... ନିଜର ନହେଲେ କ'ଣ ପ୍ରେମ ହୁଏନି??

ହଁ, ପ୍ରେମ ହେଲା ପରେ କିନ୍ତୁ ଭୁଲି ହୁଏନି....

ରାଉରକେଲା
ଦୂରଭାଷ: ୯୩୩୭୩୭୬୨୬୪

# ସମାନତା

ମୂଳ ହିନ୍ଦୀ-ମୀରା ଜୈନ୍
ଅନୁବାଦ-ମନୋଜ କୁମାର ବେହେରା

ଅଳିଆ ଭର୍ତ୍ତି ଡଷ୍ଟବିନ୍‌ରେ ପଡିଥିବା ଅଧା ଜଳା ସିଗାରେଟ୍‌ର ଟୁକୁଡା ପାଖରେ ପଡିଥିବା ଅନ୍ୟ ସିଗାରେଟ୍‌ର ଟୁକୁଡାକୁ ଉଦାସ ସ୍ୱରରେ ପଚାରିଲା,'ମୋତେ ଗୋଟିଏ କଥା କହତ ସାଙ୍ଗ! ଆମେ ବି ଜଳୁ ସେ ତ୍ରିପଣ୍ଡ କାଳି ଧୂପକାଠି ମଧ୍ୟ ଜଳେ। ଆମେ ଏତେ ହୃଷ୍ଟପୁଷ୍ଟ ଆଉ ଦେଖିବାକୁ ସୁନ୍ଦର ହୋଇଥିଲେ ମଧ୍ୟ ତା'ର ଆଦର ସତ୍କାର ଆମଠୁ କାହିଁ କେତେଗୁଣ ବେଶୀ ହୁଏ' । ଆଜି ଆମେ ଦୁହେଁ ଏକା ସାଙ୍ଗରେ ଜଳିଲୁ । ତାକୁ ବହୁତ ଆଦର ଆଉ ଶ୍ରଦ୍ଧା ସହିତ ଜଳାଗଲା ଆଉ ମୋତେ ବହୁତ ଅନାଦର ସହିତ ଜଳାଗଲା । ତା'ର ପାଉଁଶକୁ ମଥାରେ ଲଗା ଯାଉଥିଲା ଆଉ ମୋର ପାଉଁଶକୁ ଦଳା ଯାଉଥିଲା ପାଦ ତଳେ । କଥା କେବଳ ସେତିକିରେ ସରିନି ସାଙ୍ଗ..ତା' ପାଇଁ ସୁନ୍ଦର ଧୂପଦାନୀ ଆଉ ଆମ ପାଇଁ ଏହି ଅଳିଆ ଡବା! ତୁ କହି ପାରିବୁ ସାଙ୍ଗ ମଣିଷମାନେ କାହିଁକି ଆମ ସହିତ ଏମିତି ବ୍ୟବହାର କରୁଛନ୍ତି? ବୁଢ଼ିଆ ସାଙ୍ଗ ନିଜ ସାଙ୍ଗର ଶଙ୍କାର ସମାଧାନ କରିବାକୁ ଯାଇ କହିଲା,'ସାଙ୍ଗ! ସବୁ ଜାଗାରେ ପ୍ରଶଂସା ଆଦର ରୂପରେ ନୁହେଁ ବରଂ ଗୁଣର ହେଇଥାଏ' । ଧୂପକାଠି କେବଳ ମଣିଷଙ୍କର ମନ ଆଉ ଶରୀରକୁ ମହକାଇ ନଥାଏ ଅପିତୁ ଭଗବାନଙ୍କ ସାମ୍ନାରେ ଶ୍ରଦ୍ଧାର ସହିତ ଜଳା ଯାଇଥିବା ଯୋଗୁଁ ଆତ୍ମୋଦ୍ଧାରର ମାଧ୍ୟମ ହୋଇଥାଏ ଆଉ ଅନ୍ୟ ପଟେ ଆମ କାମ ହେଲା ତା'ର ବିପରୀତ ଆମେ ମଣିଷର ଆତ୍ମାର ଉଦ୍ଧାର ବଦଳରେ ପତନର କାରଣ ସାଜୁ । ହେଲେ ସାଙ୍ଗ ତୁ ଟିକିଏ ବି ଚିନ୍ତା କରନା । କାହିଁକିନା ଆଜି ମଣିଷ ଆମର ଯେମିତି ଅବସ୍ଥା କରୁଛି ଦିନେ ନା' ଦିନେ ସେହି ମଣିଷର ଅବସ୍ଥା ଆମ ପରି ନିଶ୍ଚିନ୍ତ ହେବ । ଏଥିରେ ଦ୍ୱିମତ ହେବାର କିଛି କାରଣ ନାହିଁ ।

ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

# ମା'ଙ୍କ ଆଶୀର୍ବାଦ

ଶିବାଶିଷ ପାଢ଼ୀ

ଜଣେ ଖାଉଥିବ ଆଉ ଜଣେ ଦୂରରୁ ଦେଖୁଥିବ। ଜଣଙ୍କ ପେଟ ଭରୁଥିବ ଆଉ ଜଣଙ୍କ ଭୋକ ବଢୁଥିବ। ବଡ଼ ବିଚିତ୍ର ଏ ସ୍ଥିତିଥିଲା ସେଠାରେ। ରାଉରକେଲାର ଅନ୍ୟତମ ବ୍ୟସ୍ତ ବହୁଳ ଭୋଜନାଳୟ। ଭିଡ଼ ଏମିତି ଯେ ଖାଇବାପାଇଁ କିଛି ସମୟ ଅପେକ୍ଷା କରିବାକୁ ବି ପଡେ।

ଠିକ ସାମ୍ନାରେ ବସିଥିଲେ ବୁଢ଼ୀଜଣକ। ବୟସ କଳନା କରିବା ସମ୍ଭବ ନୁହେଁ। ଏମିତିରେ ଦାରିଦ୍ର୍ୟତା ବୋଧେ ବୟସର ଗତିକୁ ଶୀଘ୍ର ବଢ଼ାଉଥାଏ ଏଣୁ ଗରିବ ଲୋକେ କମ ବୟସରେ ବି ବୁଢ଼ା ଲାଗନ୍ତି ଏଇଠି କିନ୍ତୁ ମୋ ହିସାବରେ ଅଶି ପାଖାପାଖି ହେବ। ଚମ ଧୁଡୁଧୁଡୁ ଶରୀରଟିଏ। ଭଲରେ ଆଖି ବି ଦେଖା ଯାଉନଥିବ। ଦେଖା ଯାଉଥିଲେ ଗୋଟିଏ କପଡା ଗଣ୍ଠିଲି ଭଳିଆ । କେବଳ ଦେଖା ଯାଉଥିଲା ସେ ଗଣ୍ଠିଲି ଉପରକୁ ଦେଖା ଯାଉଥିବା ବେକ ଓ ତା ଉପରେ ସେ ନିରୀମାଖି ଚେହେରା। ଆଉ ଲମ୍ବିଥିଲା ଚମଡା ଆଚ୍ଛାଦିତ ସେ ହାତଟି ।

ଆମର କାମ ସରୁସରୁ ସାମାନ୍ୟ ଡେରି ହୋଇ ଯାଇଥିଲା। ପ୍ରବଳ ଭୋକ ହେଉଥିଲା। ମୋ ସହ ଥିଲା ଆମର ପିଅନ ସୁରେଶ। ସେ ହୋଟେଲ ସାମ୍ନାରେ ବାଇକ ରଖୁରଖୁ ମୁଁ ଯେମିତି ଡେଇଁ ପଡ଼ିଥିଲି ବାଇକରୁ। ତରତର ହୋଇ ଯାଉଥିଲି ମୁଁ କିନ୍ତୁ ସେ ହାତ ଦେଖି ଯେମିତି ହଠାତ କମିଗଲା ମୋ ଭୋକ। ଅଟକିଗଲା ପାଦ।

ମୋ ପାଖରେ ଖୁଚୁରା ପଇସା ନଥିଲା ଏଣୁ ସୁରେଶ ଆସିବାଯାଏଁ ପ୍ରତୀକ୍ଷା କରିଥିଲି ମୁଁ। ତା ଠାରୁ କୋଡିଏଟଙ୍କା ନେଇ ବୁଢ଼ୀଙ୍କୁ ନମସ୍କାରଟିଏ କରି କହିଥିଲି ମା ଆଶୀର୍ବାଦ କରନ୍ତୁ ।

ଆଶୀର୍ବାଦ କରିବା ବଦଳରେ କିନ୍ତୁ ହାତ ଠାରି ଡାକିଥିଲେ ସେ। ଭାବିଲି ବୋଧେ କୋଡିଏ ଟଙ୍କା କମ ହେଲା କି?

ସେ କିନ୍ତୁ ମୋ ଟଙ୍କାକୁ ମୋତେ ଫେରାଇଦେଇ କହିଥିଲେ -ବାବୁ ସାଧା ମିଲଟିଏ କହି ଦିଅନ୍ତୁ ନାହିଁ?

ନିଶ୍ଚୟ ମା, ଆସନ୍ତୁ ମୋ ସହ। ଖୁସିରେ କହିଥିଲି ମୁଁ।

ଆଣିଦେବୁ ବାବୁ। କହିଥିଲେ ସେ।

ପ୍ରଥମେ ଏକ ସାଦାମିଲ ପ୍ୟାକିଙ୍ଗ କରିବା ପାଇଁ ମୁଁ କାଉଣ୍ଟରରେ କହିବା ମାତ୍ରକେ ହସିଦେଲେ ହୋଟେଲ ମାଲିକ। କହିଥିଲେ ବୁଢ଼ୀ ପାଇଁ କି ଆଜ୍ଞା?

ହଁ ଆଜ୍ଞା ସେ ପ୍ରଥମେ ଖାଆନ୍ତୁ କିନ୍ତୁ ଆପଣ କେମିତି ଜାଣିଲେ? ଆଶ୍ଚର୍ଯ୍ୟ ହେଉଥିଲି ମୁଁ।

ଚାରିଟା ଗଲାଣି , ଆଉ ଗୋଟିଏ ମିଲ ତାକୁ ଦରକାର ତ। ମୁଁ ସେଇଠୁଁ ଆଉ ଆପଣଙ୍କ ମାଗିବା ତରିକାରୁ ଜାଣୁଛି। ସବୁଦିନ ସେ ପାଞ୍ଚଟା ମିଲ ନିଏ। କଣ କେଉଁଠି ବିକ୍ରିବଟା କରନ୍ତି କି କଣ। ମୁଁ ଭୋକରେ ଅଛନ୍ତି ବୋଲି ସିନା ଦେଉଛି। ଏମିତି ତ ହେବା କଥା ନୁହେଁ। ଆଉ ଆପଣ ବି ଏମିତି ଲୋକଙ୍କୁ କାହିଁକି ଗେଟ ପାଖରେ ବସିବାକୁ ଅନୁମତି ଦେଉଛନ୍ତି। ସାମାନ୍ୟ ବିରକ୍ତ ହେଉଥିଲି ମୁଁ କିନ୍ତୁ ସେତେବେଳକୁ ଗମ୍ଭୀର ହୋଇଯାଉଥିଲେ ହୋଟେଲ ମାଲିକ।

କହିଥିଲେ - ସେ ନିଜେ ଅସହାୟ କିନ୍ତୁ ତାଙ୍କ ଦମ୍ଭ ଦେଖନ୍ତୁ ଏଇ ବୟସରେ ବି ଚାରିଚାରିଟି ଅସହାୟ ଛୁଆଙ୍କୁ ସାହାରା ଦେଇଛନ୍ତି। ସେମାନଙ୍କ ଭଲମନ୍ଦ ସବୁ ବୁଝନ୍ତି। ସ୍କୁଲରେ ପାଠ ପଢ଼ାଉଛନ୍ତି। ସେମାନଙ୍କ ଖାଇବା ନହେଲା ଯାଏଁ ସେ ଏମିତି ବସନ୍ତି। ସବୁଦିନ କଣ ମିଳିଯାଏ? ଭାବପ୍ରବଣ ହୋଇଯାଉଥିଲି ମୁଁ। ପ୍ରାୟ ମିଳିଯାଏ ଆଜ୍ଞା। ଦେଖନ୍ତୁ ଏତେ ଲୋକ ଏଇଠିକୁ ଆସନ୍ତି ସେ ଭିତରୁ କିଏ ଦେବ ସେ ଜାଣିଯାଆନ୍ତି। ଆଉ କେଉଁ ଦିନ କିଛି ନହେଲେ ମୁଁ ଦିଏ। କଣ କରିବା ଆଉ? କହି ମୋ ହାତକୁ ପାର୍ସଲଟିକୁ ବଢ଼ାଇ ଦେଇଥିଲେ ସେ। ତାଙ୍କୁ ଉତ୍ତର ନଦେଇ ମୁଁ ଧାଇଁଥିଲି ବାହାରକୁ। ପୁଣି ନମସ୍କାର କରିଥିଲି। ଅତ୍ୟନ୍ତ ଖୁସିରେ ଆଶୀର୍ବାଦ ଦେଇଥିଲେ ସେ। କିଛି କହି ନଥିଲେ କିନ୍ତୁ ଏକ ଚମତ୍କାର ହସ ହସୁଥିଲେ। ସେଇ ହସରେ ବୁଡ଼ି ଯାଇଥିଲି ମୁଁ। କେତେବେଳେ ମୁଁ ଖାଇ ସାରିଲିଣି ଜାଣି ପାରି ନଥିଲି। ଆମେ ଖାଇସାରି ବାହାରିବା ବେଳକୁ ସେ ଆଉ ନଥିଲେ। ଫେରୁଥିଲୁ ଆମେ। ନବରାତ୍ର ଚାଲୁଥିଲା। ପାଖ ମନ୍ଦିରରୁ ଶୁଣା ଯାଉଥିଲା ଦେବୀଙ୍କ ଆବାହନୀ ମନ୍ତ୍ର। ସାର, ଆପଣ କହିଥିଲେ ଫେରିବା ବେଳେ ଦର୍ଶନ କରିବା ପରା। ସୁରେଶ ମନେ ପକାଉଥିଲା ମୋତେ। ନାଁ ସୁରେଶ, ଦର୍ଶନ ହେଲା ଯେ। ମା'ଙ୍କ ଆଶୀର୍ବାଦ ବି ତ ମିଳିଲା। ଆଉ କଣ ଦରକାର ମୁଁ କହିଥିଲି । ମୋତେ ଏବେ ବି ବୁଢ଼ୀଙ୍କ ସେ ହସହସ ଚେହେରା ଦେଖା ଯାଉଥିଲା ଆଉ ଦେଖା ଯାଉଥିଲା ସେ ହାତ। ଏବେ କିନ୍ତୁ ସେ ବୁଢ଼ୀ ସେମିତି ନିରୀମାଖି ନଥିଲେ ବରଂ ଦେବୀଙ୍କ ପୋଷାକରେ ଦେବୀଙ୍କ ପରି ଚମକୁଥିଲେ। ଗାଡି ଆଗକୁ ବଢ଼ାଇଥିଲି ମୁଁ।

ହେମଗିର, ସୁନ୍ଦରଗଡ଼
ମୋ-୯୭୭୮୧୭୪୯୭୮

# ଗୌତମ ଗମ୍ଭୀରଙ୍କୁ ହତ୍ୟା ଧମକ
# 'ଆଇଏସଆଇଏସ କଶ୍ମୀର'ରୁ ଆସିଲା ଇମେଲ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ତଥା ପୂର୍ବତନ ବିଜେପି ଏମ୍ପି ଗୌତମ ଗମ୍ଭୀରଙ୍କୁ 'ଆଇଏସଆଇଏସ କଶ୍ମୀର' ସଂଗଠନରୁ ହତ୍ୟା ଧମକ ମିଳିଛି। ଏପ୍ରିଲ ୨୨ରେ ଦୁଇଟି ଇମେଲ ମାଧ୍ୟମରେ ତାଙ୍କୁ 'ଆଇକିଲ୍ୟୁ' ମେସେଜ ପଠାଯାଇଥିଲା। ଏହି ଘଟଣା ପରେ ଗମ୍ଭୀର ଦିଲ୍ଲୀ ପୋଲିସରେ ଏକ ଲିଖିତ ଅଭିଯୋଗ ଦାଖଲ କରି ଏଫଆଇଆର ରୁଜୁ କରିବା ସହ ନିଜ ପରିବାର ପାଇଁ ସୁରକ୍ଷା ମାଗିଛନ୍ତି।

ସୂଚନାଥାଉ କି, ଏହା ପୂର୍ବରୁ ୨୦୨୧ ମସିହା ନଭେମ୍ବରରେ ମଧ୍ୟ ତାଙ୍କୁ ଏକ ସମାନ ଧମକ ଇମେଲ ମିଳିଥିଲା। ପୋଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି ଏବଂ ଗମ୍ଭୀରଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡି କରାଯାଇଛି। ଏହା ସହିତ, ଗମ୍ଭୀର ନିକଟରେ ଜମ୍ମୁ ଓ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ନିନ୍ଦା କରିଥିଲେ, ଯେଉଁଥିରେ ୨୬ ଜଣ ନାଗରିକ ପ୍ରାଣ ହରାଇଥିଲେ। ତେବେ ଏନେଇ ପୋଲିସର ତଦନ୍ତ ଜାରି ରହିଛି।



# ରାଜସ୍ଥାନକୁ ୧୧ ରନ୍‌ରେ ହରାଇଲା ବାଙ୍ଗାଲୋର

**ବେଙ୍ଗାଲୁରୁ**

ଆଇପିଏଲ ମହାସମରରେ ୪୨ତମ ମ୍ୟାଚ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯାଇଛି। ରାଜସ୍ଥାନ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ତେଣୁ ପ୍ରଥମେ ବ୍ୟାଟିଂ କରିଥିଲା ଆରସିବି। ଫିଲ୍ ସଲ୍ଟ ଓ ବିରାଟ କୋହଲି ପ୍ରାରମ୍ଭରୁ ଭଲ ପ୍ରଦର୍ଶନ କରିଥିଲେ। ବେଙ୍ଗାଲୁରୁର ପ୍ରଥମ ବିପର୍ଯ୍ୟୟ ସପ୍ତମ ଓଭରରେ ଘଟିଥିଲା। ସଲ୍ଟ ୨୩ଟି ବଲ୍ ଖେଳି ୨୬ ରନ୍ କରି ହସରଙ୍ଗାଙ୍କ ଶିକାର ହୋଇଥିଲେ। ଏହାପରେ ବିରାଟ କୋହଲି ଏବଂ ଦେବଦତ୍ତ ପାଡିକ୍କଲଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟରେ ୫୧ ବଲରେ ୯୫ ରନ୍‌ର ଭାଗିଦାରୀ ହୋଇଥିଲା। କୋହଲି ୪୨ ବଲ୍‌ରେ ୭୦ ରନ୍ କରିବା ପରେ ଆଉଟ୍ ହୋଇଥିଲେ। ଏଥିରେ ୮ଟି ଚୌକା ଓ ୨ଟି ଛକା ରହିଛି। ସେହିପରି ଦେବଦତ୍ତ ପାଡିକ୍କାଲ ୨୭



ବଲ୍‌ରେ ୪ଟି ଚୌକା ଓ ୩ଟି ଛକା ସହାୟତାରେ ୫୦ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ତାଙ୍କୁ ସନ୍ଦୀପ ଶର୍ମା ଆଉଟ୍ କରିଥିଲେ। ଅଧିନାୟକ ରଜତ ପାଟିଦାର ତିନି ବଲରେ କେବଳ ଗୋଟିଏ ରନ୍ କରିପାରିଥିଲେ। ଟିମ୍ ଡେଭିଡ୍ ୧୫ବଲରେ ୨୩ ରନ୍ କରି ଆଉଟ୍ ହୋଇଥିଲେ। ଶେଷରେ ଜିତେଶ ଶର୍ମା ୧୦ ବଲରେ ବିସ୍ଫୋରକ ୨୯ରନ୍ ସଂଗ୍ରହ କରିଥିଲେ। ଯାହାଫଳରେ ରୟାଲ ଚ୍ୟାଲେଞ୍ଜ ବେଙ୍ଗାଲୁରୁ ରାଜସ୍ଥାନକୁ ୨୦୬ ରନ୍‌ର ଟାର୍ଗେଟ୍ ଦେଇଥିଲା। ରାଜସ୍ଥାନ ରୟାଲ୍ସ ପକ୍ଷରୁ ସନ୍ଦୀପ ଶର୍ମା ଦୁଇଟି ୱିକେଟ୍ ନେଇଥିବା ବେଳେ ୱାନିନ୍ଦୁ ହସରଙ୍ଗା ଏବଂ ଜୋଫ୍ରା ଆର୍ଚର ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି।

୨୦୬ ରନର ବିଜୟଲକ୍ଷ୍ୟ ନେଇ ରାଜସ୍ଥାନ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୪୯, ବୈଭବ ସୂର୍ଯ୍ୟବଂଶୀ ୧୬, ନିତିଶ ରନା ୨୮, ରିୟାନ ପରାଗ ୨୨, ଧ୍ରୁବ ଜୁରେଲ ୪୭, ସିମରନ ହେଟମାୟର ୧୧, ଶିବମ ଦୁବେ ୧୨ ରନ କରି ଆଉଟ ହୋଇଥିଲେ। ରାଜସ୍ଥାନ ରୟାଲ୍ସ ୯ ୱିକେଟ ହରାଇ ୧୯୪ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଆରସିବି ୧୧ ରନ୍‌ରେ ବଜୟ ଲାଭ କରିଥିଲା।

# ପ୍ରେମିକାଙ୍କୁ ଧୋକା ଦେଇ ଅନ୍ୟ ଜଣେ ଯୁବତୀଙ୍କ ସହ ନଜର ଆସିଲେ ପୃଥ୍ୱୀ ଶ'

**ନୂଆଦିଲ୍ଲୀ**



ପ୍ରଥମ ପ୍ରେମିକାଙ୍କୁ ଧୋକା। ପୁଣି ଥରେ ପ୍ରେମରେ ପଡ଼ିଛନ୍ତି କ୍ରିକେଟର ପୃଥ୍ୱୀ ଶ'। କିଛି ଏଭଳି ଚର୍ଚ୍ଚା ଏବେ ସୋସିଆଲ ମିଡିଆରେ ବଢ଼ିବାରେ ଲାଗିଛି। ଏହା ପଛରେ ପୃଥ୍ୱୀଙ୍କ ଏକ ଭିଡିଓ ରହିଛି। ଉକ୍ତ ଭିଡିଓରେ ତାଙ୍କୁ ଅନ୍ୟ ଜଣେ ଯୁବତୀଙ୍କ ସହ ଦେଖାଯାଉଛି। ଯିଏ କି କ୍ୟାମେରା ଦେଖି ମୁହଁ ଲୁଚାଉଛନ୍ତି। କେବଳ ଏତିକି ନୁହେଁ ପ୍ରଥମ ପ୍ରେମିକା ନିଧି ତପାଡ଼ିଆ ମଧ୍ୟ ସୋସିଆଲ ମିଡିଆରେ ଏକ ଧୋକା ସମ୍ପର୍କିତ ପୋଷ୍ଟ କରିଛନ୍ତି। ଏହାପରଠାରୁ ପୃଥ୍ୱୀ ତାଙ୍କୁ ଧୋକା ଦେଇ ଅନ୍ୟ ଜଣେ ଯୁବତୀଙ୍କୁ ଡେଟ୍ କରୁଥିବା ଚର୍ଚ୍ଚା ହେଉଛି। ପୃଥ୍ୱୀଙ୍କ ପ୍ରଥମ ପ୍ରେମିକା ନିଧି ତପାଡ଼ିଆ ଜଣେ ଅଭିନେତ୍ରୀ ଏବଂ ମଡେଲ। ଅନେକ ଦିନରୁ ସେ ପରସ୍ପରକୁ ଡେଟ୍ କରୁଥିଲେ। ଏବେ ପୃଥ୍ୱୀଙ୍କ ଭିଡିଓ ସାମ୍ନାକୁ ଆସିବା ପରେ ନିଧିଙ୍କୁ ଶକ୍ତ ଧକ୍କା ଲାଗିଛି। ହେଲେ ଦ୍ୱିତୀୟ ପ୍ରେମିକା କଥା କେତେ ସତ କେତେ ମିଛ ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ।

# ପହଲଗାମ ଆକ୍ରମଣର ପ୍ରଭାବ: ପିଏସ୍‌ଏଲର ପ୍ରସାରଣ ବନ୍ଦ କଲା ଫ୍ୟାନକୋଡ୍ କମ୍ପାନୀ

**ନୂଆଦିଲ୍ଲୀ**

ଜମ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣ ପରେ, ସମଗ୍ର ଦେଶରେ ଶୋକ ଏବଂ କ୍ରୋଧର ବାତାବରଣ ରହିଛି। ଆତଙ୍କବାଦୀଙ୍କୁ ଧରିବା ପାଇଁ ସୁରକ୍ଷା ବାହିନୀ ନିରନ୍ତର ସର୍ଚ୍ଚ ଅପରେସନ୍ ଜାରି ରଖିଛନ୍ତି। ଆତଙ୍କବାଦୀ ଆକ୍ରମଣ ପରେ କେନ୍ଦ୍ର ସରକାର ମଧ୍ୟ ଆକ୍ସନ ମୋଡ୍‌ରେ ଅଛନ୍ତି ଏବଂ ପଡ଼ୋଶୀ ଦେଶ ବିରୋଧରେ ବଡ଼ ନିଷ୍ପତ୍ତି ନେଇଛନ୍ତି।

ଏମଧ୍ୟରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିଏସ୍‌ଏଲ୍) ଉପରେ ଭାରତ ପକ୍ଷରୁ ଏକ 'କ୍ରିକେଟିଂ ଷ୍ଟ୍ରାଇକ୍' କରାଯାଇଛି। କ୍ରୀଡ଼ା ପ୍ରସାରଣ ପ୍ଲାଟଫର୍ମ ଫ୍ୟାନକୋଡ୍ ପାକିସ୍ତାନ ସୁପର ଲିଗ୍ (ପିଏସଏଲ)ର ଷ୍ଟ୍ରିମିଂ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ୨୪ ଏପ୍ରିଲଠାରୁ ଫ୍ୟାନକୋଡରେ ପିଏସଏଲ ମ୍ୟାଚ୍ ଷ୍ଟ୍ରିମିଂ ଉପଲବ୍ଧ ହେବ ନାହିଁ। ଏହି ନିଷ୍ପତ୍ତି ପରେ, ପିଏସଏଲର ଡିଜିଟାଲ ଦର୍ଶକଙ୍କ ସଂଖ୍ୟାରେ ଏକ ବଡ଼ ହ୍ରାସ ହେବାର ସମ୍ଭାବନା ରହିଛି, ଯାହା ସିଧାସଳଖ ପାକିସ୍ତାନ କ୍ରିକେଟ ବୋର୍ଡର ରାଜସ୍ୱକୁ ପ୍ରଭାବିତ କରିବ।

ଏହା ସହିତ, କ୍ରିକେଟ୍ ଫ୍ୟାଣ୍ଟାସି ଆପ୍ ଡ୍ରିମ୍-୧୧ ମଧ୍ୟ ପାକିସ୍ତାନ ସୁପର ଲିଗ୍ ୨୦୨୫କୁ ନେଇ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏବେ ଡ୍ରିମ୍-୧୧ ବ୍ୟବହାରକାରୀମାନେ ପାକିସ୍ତାନ ସୁପର ଲିଗ୍ (ପିଏସଏଲ) ମ୍ୟାଚ୍ ପାଇଁ ଏହି ଆପ୍‌ରେ ସେମାନଙ୍କର ପ୍ରିୟ ଦଳ ତିଆରି କରିପାରିବେ ନାହିଁ। ଡ୍ରିମ୍-୧୧ ତା'ର ପ୍ଲାଟଫର୍ମରୁ ସମସ୍ତ ପିଏସଏଲ ମ୍ୟାଚ୍ ହଟାଇ ଦେଇଛି।

# କଳିଙ୍ଗ ସୁପର କପ୍ ଫୁଟ୍‌ବଲ : ବେଙ୍ଗାଲୁରୁ ବିଦା, କ୍ୱାର୍ଟରରେ ଇଷ୍ଟର କାଶୀ ଓ ମୁମ୍ବଇ ସିଟି ଏଫ୍‌ସି

**କଟକ**

କଳିଙ୍ଗ ଷ୍ଟାଡ଼ିୟମରେ ଚାଲିଥିବା କଳିଙ୍ଗ ସୁପରକପ୍ ଫୁଟବଲ ଚାମ୍ପିଅନସିପ୍-୨୦୨୫ର କ୍ୱାର୍ଟର ଫାଇନାଲରେ ଇଷ୍ଟର କାଶୀ ଓ ମୁମ୍ବଇ ସିଟି ଏଫ୍‌ସି ପ୍ରବେଶ କରିଛନ୍ତି। ବୁଧବାର ୫ମ ଓ ୬ଷ୍ଠ ପ୍ରି କ୍ୱାର୍ଟର ଫାଇନାଲ ଖେଳାଯାଇଥିଲା। ଏଥିରେ ଇଣ୍ଟରକାଶୀ ଓ ମୁମ୍ବଇ ସିଟି ଏଫ୍‌ସି ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାବେଳେ ବେଙ୍ଗାଲୁରୁ ଏଫ୍‌ସି ଓ ଚେନ୍ନାୟିଇନ୍ ଏଫ୍‌ସି ବିଦାୟ ନେଇଛି।

ପଞ୍ଚମ ପ୍ରି କ୍ୱାର୍ଟର ଫାଇନାଲରେ ଇଣ୍ଟରକାଶୀ ପେନାଲ୍ଟି ୧-୧(୫-୩) ଗୋଲରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲ ବରାବର ରହିବାରୁ ପେନାଲ୍ଟିର ଆଶ୍ରୟ ନିଆଯାଇଥିଲା। ଏଥିରେ ଇଣ୍ଟରକାଶୀ ୫-୩



ଗୋଲରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟ ତଥା ଖେଳର ୧୪ ମିନିଟ୍‌ରେ ମାତିଜା ବାବୋଭିକ ଗୋଲ ଦେଇ ଦଳକୁ ୧-୦ରେ ଆଗୁଆ କରିଥିଲେ। ୬୨ ମିନିଟ୍‌ରେ ବେଙ୍ଗାଲୁରୁ ଏଫ୍‌ସି ଗୋଲ ବରାବର କରି ନେଇଥିଲା। ଦଳ ପକ୍ଷରୁ ରିୟାନ ୱିଲିୟମ ଗୋଲ ଦେଇ ମ୍ୟାଚକୁ ୧-୧ ବରାବର କରିଥିଲେ। ଷଷ୍ଠ କ୍ୱାର୍ଟର ଫାଇନାଲରେ ମୁମ୍ବଇ ସିଟି ଏଫ୍?ସି ୪-୦ ଗୋଲରେ ଚେନ୍ନାଇୟିନ୍ ଏଫ୍‌ସିକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ମୁମ୍ବାଇ ସିଟି ଏଫ୍‌ସି ପକ୍ଷରୁ ୪୩ ମିନିଟ୍‌ରେ ଏନ୍ କାରଲିସ୍, ୬୪ ମିନିଟ୍‌ରେ ଲାଲରିନଜୁଆଲା ଚେଙ୍ଗେଟ୍ ଦ୍ୱିତୀୟ ଓ ୮୬ ମିନିଟ୍‌ରେ ତୃତୀୟ ଗୋଲ୍ ଦେଇଥିଲେ। ୯୦ ମିନିଟ୍‌ରେ ବିପିନ ସିଂହ ଚତୁର୍ଥ ଗୋଲ ଦେଇ ମୁମ୍ବଇ ସିଟି ଏଫ୍‌ସିକୁ ୪-୦ରେ ବିଜୟୀ କରାଇଥିଲେ।

# ଏଫଏମକୁ ଏଏନଆରଏଫର ଗରିମାମୟ ଅନୁମୋଦନ

**ବାଲେଶ୍ୱର, ନ୍ୟୁଜ୍**

ବହୁମୁଖୀ ଗବେଷଣା ଓ ଅଧ୍ୟୟନକୁ ଆହୁରି ସମୃଦ୍ଧ କରିବା କ୍ଷେତ୍ରରେ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଅର୍ଜନ କରିଛି। ଭାରତ ସରକାରଙ୍କ ଏଏନଆରଏଫ (ଅନୁସନ୍ଧାନ ଜାତୀୟ ଗବେଷଣା ପ୍ରତିଷ୍ଠାନ) ସହଭାଗୀତାରେ ପିଏଆଇଆର ପ୍ରୋଗ୍ରାମର (ଯାହା ନୂତନ ଆବିଷ୍କାର ଓ ଗବେଷଣା ପାଇଁ ଶିକ୍ଷାନୁଷ୍ଠାନୀୟ ସଂଯୁକ୍ତ ପ୍ରୟାସ ପ୍ରଦାନ କରିଥାଏ) ଆର୍ଥିକ ସହଯୋଗରେ ବହୁମୁଖୀ ଗବେଷଣା ଓ ଅଧ୍ୟୟନ ନିମନ୍ତେ ଅନୁମୋଦିତ ହୋଇଛି। ଏହି ଗରିମାମୟ ସ୍ୱୀକୃତିରେ ଫକୀରମୋହନ ବିଶ୍ୱବିଦ୍ୟାଳୟ 'ସ୍ପୋକ୍' ଭାବେ ଓ ରାଉରକେଲା ସ୍ଥିତ ଏନଆଇଟି (ଜାତୀୟ ପ୍ରଯୁକ୍ତି ସଂସ୍ଥାନ) 'ହବ୍' ଭାବେ ମିଳିତ କାର୍ଯ୍ୟ କରିବେ। ଏହି ସହଯୋଗମୂଳକ ପ୍ରକଳ୍ପରେ ଏନଆଇଟି ରାଉରକେଲାକୁ ନେତୃତ୍ୱ ପ୍ରଦାନ କରାଯାଇଛି।



ଯେଉଁଥିରେ ବହୁ ପ୍ରସିଦ୍ଧ ସହଭାଗୀ ସଂସ୍ଥା ଯଥା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ-ବୁର୍ଲା, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଓଡ଼ିଶା ପ୍ରଯୁକ୍ତି ଓ ଗବେଷଣା ବିଶ୍ୱବିଦ୍ୟାଳୟ-ଭୁବନେଶ୍ୱର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ-ଭୁବନେଶ୍ୱର, ଅନ୍ତର୍ଜାତୀୟ ସୂଚନା ପ୍ରଯୁକ୍ତି ସଂସ୍ଥାନ (ଆଇଆଇଆଇଟି) ଭୁବନେଶ୍ୱର ଏବଂ ଗୁରୁ ଅଙ୍ଗଦ ଦେବ ପଶୁଚିକିତ୍ସା ଏବଂ ପଶୁ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ଲୁଧିଆନା, ପଞ୍ଜାବ ଆଦି ସ୍ପୋକ୍ ଅନୁଷ୍ଠାନ ଭାବେ ଅନ୍ତର୍ଭୁକ୍ତ ଅଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୦ରୁ ଅଧିକ ବିଶ୍ୱବିଦ୍ୟାଳୟକୁ ସ୍ପୋକ ବିଶ୍ୱବିଦ୍ୟାଳୟ ଭାବେ ଚୟନ କରାଯାଇ ଅନ୍ତିମ ପର୍ଯ୍ୟାୟରେ କେବଳ ୭ଟିକୁ ଅନୁମୋଦନ ପାଇଁ ବଛା ଯାଇଥିଲା। ବେଙ୍ଗାଲୁରୁ ଠାରେ ଆୟୋଜିତ ଏହି ଚୂଡ଼ାନ୍ତ ଚୟନ ପ୍ରକ୍ରିୟାରେ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପ୍ରଫେସର ପଙ୍କଜ କୁମାର ପାଢୀ, ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର ଓ ଡକ୍ଟର ନିହାର ରଞ୍ଜନ ରାଉତ ଉପସ୍ଥିତ ରହିଥିଲେ। ଏହି ପ୍ରକଳ୍ପ ପରିବେଶର ଦୀର୍ଘକାଳୀନ ସ୍ଥାୟିତ୍ୱ ଓ ସନ୍ତୁଳନ ଉପରେ କେନ୍ଦ୍ରୀକରଣ ହୋଇଅଛି। ଏହା ବର୍ତ୍ତମାନ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ତଥା ବହୁମୁଖୀ ଗବେଷଣାର ନିଷ୍କର୍ଷ ଉପରେ ନିର୍ଭର କରୁଅଛି। ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗ ଦର୍ଶନ ଓ ନେତୃତ୍ୱରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଗବେଷଣା-ରତ ଅଧ୍ୟାପକ-ଅଧ୍ୟାପିକା ମାନେ ଏହି ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେବାକୁ ସମର୍ଥ ହୋଇ ପାରିବାର ଆଶାପୋଷଣ କରାଯାଇଛି।

ସୂଚନା ଯୋଗ୍ୟ, ଫକୀରମୋହନ ବିଶ୍ୱ ବିଦ୍ୟାଳୟ ନିଜର ଗବେଷଣା ଓ ଅଧ୍ୟୟନାତ୍ମକ ଲକ୍ଷ୍ୟକୁ ନେଇ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ସମ୍ମିଳନୀ, ଆଲୋଚନା ଚକ୍ର ଓ ବୈଠକର ଆୟୋଜନକୁ ନେଇ ରାଜ୍ୟରେ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛି। ବିଗତ ବର୍ଷରେ ବିଶ୍ୱର ଦୁଇ ପ୍ରତିଶତ ପ୍ରମୁଖ ବୈଜ୍ଞାନିକ ମାନଙ୍କ ମଧ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ତିନିଜଣ ସ୍ଥାନ ଅଧିକାର କରିଥିଲେ। ଏହି ଅନୁମୋଦନ ବିଶ୍ୱବିଦ୍ୟାଳୟର ଗବେଷଣା ଉତ୍କୃଷ୍ଟତା ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରମାଣିତ କରିବା ସହ ସମାଜ ଉପରେ ବାସ୍ତବିକ ପ୍ରଭାବ ସୃଷ୍ଟି କରିବାର କ୍ଷମତାକୁ ଆଲୋକିତ କରିପାରିବ ବୋଲି ମତପୋଷଣ କରାଯାଇଛି। ଏହା ବିଶ୍ୱବିଦ୍ୟାଳୟ ପାଇଁ ଗର୍ବର କାରଣ ଯାହା ଭବିଷ୍ୟତରେ ନିରନ୍ତର ନୂତନ ପ୍ରଯୋଗିକ ଏବଂ ଶକ୍ତିଶାଳୀ ଶୈକ୍ଷିକ ସହଯୋଗକୁ ପ୍ରେରଣା ଦେବାରେ ସଫଳ ହେବ।

# ପ୍ରଯୁକ୍ତି ବନାମ ପରମ୍ପରା : ଭାରତୀୟ ସିନେମାରେ ବୈପ୍ଳବିକ ପରିବର୍ତ୍ତନ



ଅତନୁ ଘୋଷ

୧୯୩୦ ଦଶକ ପୂର୍ବରୁ, ଭାରତୀୟ ସିନେମାର ଅଭିନେତାମାନେ ଶୁଟିଂ ସମୟରେ 'ଲାଇଭ୍' ଗୀତ ଗାଉଥିଲେ, ତାଙ୍କ ସହିତ ସଂଗୀତଜ୍ଞମାନେ ତବ୍‌ଲା, ସୀତାର, ଆକର୍ଡିଅନ୍ ଏବଂ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ବଜାଉଥିଲେ, ଯାହାକୁ ଟ୍ରଲିରେ ରଖାଯାଉଥିଲା। ଉନ୍ନତ ଶବ୍ଦ ରେକର୍ଡିଂ ଟେକ୍ନୋଲୋଜି ଆସିବା ପରେ ଏହି କଷ୍ଟକର ପ୍ରକ୍ରିୟା ଆଉ ରହିଲା ନାହିଁ। ଆରମ୍ଭ ହୋଇଥିଲା ପ୍ଲେବ୍ୟାକ୍ ଗାୟନ। ଏହା ୧୯୩୫ ମସିହା କଥା, କଲିକତାର ନ୍ୟୁ ଥିଏଟରର ମୁକୁଲ ବୋଷ 'ଭାଗ୍ୟ ଚକ୍ର' ଚଳଚ୍ଚିତ୍ରରେ ପ୍ରଥମେ ପ୍ଲେବ୍ୟାକ୍ ଗାଇଥିଲେ। ଅର୍ଥାତ୍ ସେ ଗୀତଟିକୁ ପୃଥକ ଭାବରେ ରେକର୍ଡ କରିଥିଲେ ଏବଂ ଶୁଟିଂ ସମୟରେ କଳାକାରମାନଙ୍କୁ ଗୀତ ସହିତ ଲିପ୍-ସିଙ୍କ୍ କରିବାକୁ କହିଥିଲେ। ତିନି ବର୍ଷ ପରେ, ୧୯୩୮ ମସିହାରେ, କେ.ଏଲ୍. 'ଷ୍ଟ୍ରିଟ୍ ସିଙ୍ଗର'ର ଆଇକନିକ ଗୀତ 'ବାବୁଲ ମୋରା' ପାଇଁ ପ୍ଲେବ୍ୟାକ୍ ଟେକ୍ନୋଲୋଜି ବ୍ୟବହାର କରିବାକୁ ସେହଗଲଙ୍କୁ ବାଛିଥିଲେ। କିନ୍ତୁ ନୂଆ ଟେକ୍ନୋଲୋଜିକୁ ସେହଗଲ ପସନ୍ଦ କରିଲେ ନାହିଁ। ସେ ଏହି ଗୀତକୁ ଲାଇଭ୍ ଗାଇବାକୁ ଜିଦ୍ ଧରିଥିଲେ ଓ ନିର୍ଦ୍ଦେଶକ ଫନି ମଜୁମଦାରଙ୍କୁ ପ୍ରି-ରେକର୍ଡିଂ ଏଡ଼ାଇବାକୁ ବାଧ କରିଥିଲେ। ଆଉ ତାହା ହିଁ ହୋଇଥିଲା। ସିନେମା ପର୍ଦ୍ଦାରେ ସେହଗଲଙ୍କ ହାରମୋନିୟମ୍ ବଜାଇ ରାସ୍ତାରେ 'ବାବୁଲ ମୋରା' ଗୀତ ପ୍ରଦର୍ଶନ ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା।

ଏହି କଥାଟି ଏକ ବଡ଼ ସତ୍ୟକୁ ପ୍ରକାଶ କରେ ତାହା ହେଲା- ଟେକ୍ନୋଲୋଜି ସହିତ ସଂଘର୍ଷ। କଳାକାର ହୁଅନ୍ତୁ କି ନିର୍ଦ୍ଦେଶକ ସମସ୍ତେ ଏହି ସଂଘର୍ଷରେ ପ୍ରଭାବିତ ହୋଇଛନ୍ତି। ସନ୍ଦେହ, ଭୟ ଅବା ପ୍ରତିରୋଧ ଏହି ସଂଘର୍ଷରେ ଦେଖିବାକୁ ମିଳିଛି। ପୁଣି ଏହିଭଳି ସଂଘର୍ଷରେ କେବଳ କାଳ ଗର୍ଭରେ ଲୀନ ହୋଇଯିବାର ଭୟ ରହିଥିଲା ତାହା ନୁହେଁ, ବରଂ କଳା, ଅଭିନୟ ଏବଂ କଳାତ୍ମକ ପରିଚୟ ସହିତ ସେମାନଙ୍କର ଗଭୀର ସଂଯୋଗରୁ ଏହି ଭୟ ମଧ୍ୟ ଉତ୍ପନ୍ନ ହୋଇଥିଲା, ଯାହା ଏଯାଏ ଜାରି ରହିଛି।

ନିଜର ଶହେ ତିରିଶ ବର୍ଷର ଇତିହାସରେ, ଭାରତୀୟ ସିନେମା କୃତ୍ରିମ ବୁଦ୍ଧିମତ୍ତା, ଭର୍ଚୁଆଲ୍ ରିଆଲିଟି, ଅଗମେଣ୍ଟେଡ୍ ରିଆଲିଟି ଏବଂ ଏକ୍ସଟେଣ୍ଡେଡ୍ ରିଆଲିଟି ଭଳି କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରିଛି ଏବଂ ଆଉ ଏକ ନୂଆ ପ୍ରଯୁକ୍ତିବିଦ୍ୟା ବିପ୍ଳବ ପାଇଁ ପ୍ରସ୍ତୁତ ବି ହେଉଛି। ଏହି ଟେକ୍ନୋଲୋଜିର ବ୍ୟବହାର କାହାଣୀ କହିବାର ଶୈଳୀକୁ ପରିବର୍ତ୍ତନ କରିପାରିବ ଏବଂ ଚଳଚ୍ଚିତ୍ର ନିର୍ମାଣ ପ୍ରକ୍ରିୟାକୁ ବଦଳାଇଦେଇ ପାରିବ। ବଡ଼ କଥା ହେଉଛି, ଏହା ଉଭୟ ଚଳଚ୍ଚିତ୍ର ନିର୍ମାଣ କମ୍ପାନୀ ଏବଂ ସ୍ୱାଧୀନ ଚଳଚ୍ଚିତ୍ର ନିର୍ମାତାମାନଙ୍କ ସମୟ ବଞ୍ଚାଇବାରେ ସହାୟକ ହେବ। ଏହାଦ୍ୱାରା ସେମାନଙ୍କ ଦକ୍ଷତା ବୃଦ୍ଧି ହେବା ସହ ଖର୍ଚ୍ଚକମିବ ଏବଂ ଫଳାଫଳ ଉତ୍ତମ ହେବ। ୱେଭ୍ସ (ୱାର୍ଲ୍ଡ ଅଡିଓଭିଜୁଆଲ୍ ଏବଂ ଏଣ୍ଟରଟେନମେଣ୍ଟ ସମ୍ମିଳନୀ)ରେ ଶିକ୍ଷାଗତ ବିଶେଷଜ୍ଞ ଏବଂ ଶିଳ୍ପ ପେସାଦାରଙ୍କ ସକ୍ରିୟ ଅଂଶଗ୍ରହଣ ସହିତ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ପ୍ରତିଷ୍ଠିତ କର୍ମଚାରୀ ଏବଂ ଉଦୀୟମାନ ପ୍ରତିଭାଙ୍କୁ ମାର୍ଗଦର୍ଶନ ଏବଂ ସମର୍ଥନ କରିବାକୁ ଚେଷ୍ଟା କରିରାଯାଇଛି। ୱେଭସର ଲକ୍ଷ୍ୟ ସୃଜନଶୀଳତା ଏବଂ ପ୍ରଯୁକ୍ତିବିଦ୍ୟା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ଏବଂ ନବସୃଜନ ଏବଂ ସହଯୋଗକୁ ପ୍ରୋତ୍ସାହିତ କରିବା। ଏହା ଜ୍ଞାନ ଆଦାନପ୍ରଦାନ ଏବଂ ଦକ୍ଷତା ବିକାଶ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରେ, ଯାହା ଅଂଶଗ୍ରହଣକାରୀମାନଙ୍କୁ ମନୋରଞ୍ଜନ ଶିଳ୍ପର ବଢୁଥିବା ଚାହିଦା ସହିତ ଖାପ୍ ଖୁଆଇବା ପାଇଁ ସଶକ୍ତ କରିବ ବୋଲି ଆଶା କରାଯାଉଛି।

ଗତ କିଛି ଦଶନ୍ଧି ଧରି, କମ୍ପ୍ୟୁଟର ଦ୍ୱାରା ସୃଷ୍ଟି ଇମେଜରୀ ଏବଂ ଭିଜୁଆଲ୍ ଇଫେକ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଆସିଛି, ଯାହା ମାଧ୍ୟମରେ ପ୍ରଯୁକ୍ତିବିଦ୍ୟା ଭାରତୀୟ ସିନେମାରେ ବିପ୍ଳବ ଆଣିଛି। ପାରମ୍ପରିକ ଭାବେ ଭିଜୁଆଲ୍ ଇଫେକ୍ଟ ବ୍ୟବହାର ଅତ୍ୟନ୍ତ ସମୟସାପେକ୍ଷ ଥିଲା ଏବଂ ବିଭିନ୍ନ ପେସାଦାରଙ୍କୁ ତଥା କଳାକାରମାନଙ୍କୁ ଅନେକ ଦିନ ଧରି କାମ କରିବାକୁ ପଡୁଥିଲା। ପ୍ରୋଗ୍ରାମିଂ ଆଲଗୋରିଦମରେ ମେସିନ୍ ଲର୍ନିଂ ବ୍ୟବହାର କରି ଏହି ପ୍ରକ୍ରିୟାର ପ୍ରମୁଖ ଅଂଶଗୁଡ଼ିକୁ ସ୍ୱୟଂଚାଳିତ କରାଯାଇପାରିବ। ଏହାଦ୍ୱାରା ଗତିବିଧି ନିରୀକ୍ଷଣ କରିପାରିବ, ବାସ୍ତବବାଦୀ ପ୍ୟାଟର୍ନ ସୃଷ୍ଟି କରିପାରିବ। ଆସନ୍ତୁ ଦୁଇଟି ସାଧାରଣ ବ୍ୟବହାର ଉପରେ ନଜର ପକାଇବା। ଧରାଯାଉ ଏକ ବିରାଟ ଷ୍ଟାଡ଼ିୟମ ରହିଛି ଏବଂ କୌଣସି ସିନେମା ପାଇଁ ଏଥିରେ ଖଚାଖଚ ଲୋକଙ୍କ ସମାଗମ ଆବଶ୍ୟକ। ଅର୍ଥାତ୍ ଏହି ଷ୍ଟାଡ଼ିୟମକୁ ପ୍ରକୃତ ଦର୍ଶକରେ ଭରିବା ପାଇଁ ଆମକୁ ବିପୁଳ ବଜେଟ୍ ଏବଂ ସମ୍ବଳର ଆବଶ୍ୟକତା ପଡ଼ିବ। କିନ୍ତୁ ଯଦି ଆମେ ଟେକ୍ନୋଲୋଜି ବ୍ୟବହାର କରିବା ତେବେ ଗ୍ରାଫିକ୍ସ ସାହାଯ୍ୟରେ ଭିଡ଼କୁ ସହଜରେ ପରଦା ଉପରେ ଅଣା କରାଯାଇପାରିବ। ସେହିପରି, ଆମେ ଜଣେ ଅଭିନେତାଙ୍କ ବୟସ ବଢ଼ାଇବା କିମ୍ବା ହ୍ରାସ କରିବା ପାଇଁ ଆବଶ୍ୟକ ମେକଅପ୍ ଦାଗକୁ ବା ସଂଶୋଧନ ଏଭଳି କରିପାରିବା। ଏହାର ଉତ୍ପାଦ ମଧ୍ୟ ପ୍ରଭାବଶାଳୀ ରହିବ, କାରଣ ଗ୍ରାଫିକ୍ସଗୁଡ଼ିକ ଲାଇଭ୍-ଆକ୍ସନ୍ ଫୁଟେଜରେ ସହଜରେ ମିଶ୍ରଣ ହୋଇଛି। ଏହି ପ୍ରକାରର ସମ୍ଭାବନା ପୌରାଣିକ ଦୁନିଆ, କାଳ୍ପନିକ ପ୍ରାଣୀ ଏବଂ ସୁପର-ହ୍ୟୁମାନ୍ ଆକ୍ସନ୍ ସିକ୍ୱେନ୍ସ ସୃଷ୍ଟି କରିବାରେ ଅମୂଲ୍ୟ ପ୍ରମାଣିତ ହୋଇପାରେ।

ଏବେ, ଯଦି ଆମେ ନୂତନତମ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନିକଟ ଭବିଷ୍ୟତର ସମ୍ଭାବନା ବିଷୟରେ ଆଲୋଚନା କରିବା, ତେବେ ଆମେ ଭର୍ଚୁଆଲ୍ ପ୍ରଡକ୍ସନ ବିଷୟରେ କଥା ହୋଇପାରିବା। ଏହା ଏକ ପ୍ରଯୁକ୍ତିବିଦ୍ୟା ଯାହା ଶୁଟିଂ ଆରମ୍ଭ ହେବା ପୂର୍ବରୁ ପରିବେଶକୁ ସନ୍ତୁଳିତ କରିବା ଲାଗି ଏଆଇକୁ ରିଅଲ୍-ଟାଇମ୍ ରେଣ୍ଡରିଂ ଇଞ୍ଜିନ୍ ସହିତ ଯୋଡିଥାଏ। ପ୍ରଡକ୍ସନ ପୂର୍ବରୁ ଅର୍ଥାତ୍ ପ୍ରି ପ୍ରଡକ୍ସନ୍ ଚଳଚ୍ଚିତ୍ର ନିର୍ମାତାମାନେ ଏହି ଟେକ୍ନୋଲୋଜିକୁ ବ୍ୟବହାର କରି ଉଭୟ ସମୟ ଏବଂ ଟଙ୍କା ବଞ୍ଚାଇ ପାରିବେ। ଅର୍ଥାତ ଏହି ପଦ୍ଧତି ଗ୍ରହଣ କରି ଚଳଚ୍ଚିତ୍ର ନିର୍ମାତାମାନେ ବହୁତ ଲାଭ ପାଇପାରିବେ। ଏହା ସହିତ, ଏଆଇ-ଚାଳିତ ଭିଜୁଆଲାଇଜେସନ୍ ଟୁଲ୍ସ ଫିଲ୍ମ ନିର୍ମାତା ଏବଂ ସିନେମାଟୋଗ୍ରାଫରମାନଙ୍କୁ ଦୃଶ୍ୟଗୁଡ଼ିକୁ ବ୍ଲକ୍ କରିବା, କ୍ୟାମେରା ସଂଯୋଜନା ବାବଦରେ ଯୋଜନା କରିବା ଏବଂ ଗୋଟିଏ ଫ୍ରେମ୍ ଶୁଟ୍ ହେବା ପୂର୍ବରୁ ଜଟିଳ କ୍ରମଗୁଡ଼ିକୁ ଭିଜୁଆଲାଇଜ୍ କରିବାରେ ସାହାଯ୍ୟ କରିପାରିବ। ଏହା ବିଶେଷ ଭାବରେ ସେହି ଫିଲ୍ମଗୁଡ଼ିକ ପାଇଁ ଲାଭଦାୟକ ହୋଇପାରିବ ଯେଉଁଗୁଡ଼ିକରେ ଆକ୍ସନର ପ୍ରଭାବ ଅଧିକ ରହିବା ସହ ଯେଉଁଠାରେ ଗ୍ରାଫିକ୍ସ ଏବଂ ଲାଇଭ୍ ପ୍ରଦର୍ଶନ ମଧ୍ୟରେ ସୁଗମ ସମନ୍ୱୟ ଆବଶ୍ୟକ ହୋଇଥାଏ।

ଫିଲ୍ମ ନିର୍ମାଣର ସବୁଠାରୁ କଷ୍ଟକର ପର୍ଯ୍ୟାୟ ମଧ୍ୟରୁ ଗୋଟିଏ ହେଉଛି ପୋଷ୍ଟ-ପ୍ରଡକ୍ସନ। ଏଆଇ କଲର ଗ୍ରେଡିଂ, ଦୃଶ୍ୟଗୁଡ଼ିକ ମଧ୍ୟରେ ସ୍ୱର/ତାଳ ମେଳ କରିବା ଏବଂ ଦୃଶ୍ୟରୁ ଅନାବଶ୍ୟକ ଉପାଦାନଗୁଡ଼ିକୁ ଅପସାରଣ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିବ - ଯେଉଁ କାର୍ଯ୍ୟଗୁଡ଼ିକ ପାଇଁ ପୂର୍ବରୁ ଅନେକ ଘଣ୍ଟା ଧରି ଗୋଟିଗୋଟି କରି କାମ କରିବାକୁ ପଡୁଥିଲା। ଭଏସ୍ ଟେକ୍ନୋଲୋଜିରେ, ଭଏସ୍ କ୍ଲୋନିଂ, ଲିପ୍-ସିଙ୍କ୍ ସଂଶୋଧନ ଏବଂ ବିଭିନ୍ନ ଭାଷାରେ ଡବିଂ ହେଉଛି ଏମିତିସବୁ କ୍ଷେତ୍ର ଯେଉଁଠାରେ ଏଆଇ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି। ଏହା ଭାରତର ବହୁଭାଷୀ ଇକୋସିଷ୍ଟମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ବର୍ଷଗୁଡ଼ିକରେ ଏହା କେତେ ସଫଳ ହେଉଛି ତାହା ଦେଖିବା ନିଶ୍ଚିତ ଆକର୍ଷଣୀୟ ହେବ।

ଭାରତୀୟ ସିନେମା ଏବେ ବି ବିଷୟବସ୍ତୁ ସୃଷ୍ଟିରେ ଏଆଇ ଉପଯୋଗର ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି। କିନ୍ତୁ କାହାଣୀ ଲେଖକମାନେ ଏଥିପାଇଁ ଅନେକ ଆଗ୍ରହ ଦେଖାଉଛନ୍ତି। ହଜାର ହଜାର ସ୍କ୍ରିପ୍ଟ, ଧାରା ଏବଂ ଦର୍ଶକଙ୍କ ପସନ୍ଦକୁ ବିଶ୍ଳେଷଣ କରି ଏଆଇ ଟୁଲ୍ସ ଦ୍ୱାରା କାହାଣୀର ବିନ୍ଦୁ, ଚରିତ୍ର ମୋଡ଼ ଏବଂ ସଂଳାପର ପରିବର୍ତ୍ତନ ନିର୍ଦ୍ଧାରଣ କରାଯାଇ ପାରୁଛି। ଏହା ସୃଜନଶୀଳ ବ୍ୟକ୍ତିଙ୍କୁ ବଦଳ କରେ ନାହିଁ ବରଂ କାର୍ଯ୍ୟକୁ ବିସ୍ତାର କରେ, ଏପରି ଅନ୍ତର୍ଦୃଷ୍ଟି ପ୍ରଦାନ କରେ ଯାହା କାହାଣୀଗୁଡ଼ିକୁ ଉନ୍ନତ କରିପାରିବ।

ଏହା ଜଣେ ବ୍ୟକ୍ତିଙ୍କୁ ଆକର୍ଷଣୀୟ କରିପାରେ କିମ୍ବା ତାଙ୍କୁ ସାଂସ୍କୃତିକ ଭାବରେ ପ୍ରତିଧ୍ୱନୀତ କରିପାରେ। ଉଦାହରଣ ସ୍ୱରୂପ, ଜଣେ ଚଳଚ୍ଚିତ୍ର ନିର୍ମାତା ଏକ ଜଟିଳ ଐତିହାସିକ ମହାକାବ୍ୟକୁ ଭିତ୍ତି କରି କାହାଣୀ ବିକଶିତ କରୁଛନ୍ତି, ଏହି ସମୟରେ ସେ ଏଆଇ ବ୍ୟବହାର କରି କିଛି କ୍ଷଣ ଭିତରେ ଏହାର ବିବରଣୀ ଏବଂ ଶବ୍ଦଗୁଡ଼ିକ ଉପରେ ଗବେଷଣା କରିପାରିବେ।

ଏଆଇ ଏବଂ ଉଦୀୟମମାନ ଟେକ୍ନୋଲୋଜି ସବୁଠାରୁ ଗଭୀର ପ୍ରଭାବ ମଧ୍ୟରୁ ଗୋଟିଏ ହେଉଛି ପରିସ୍ଥିତି ଓ କାହାଣୀର ଗଣତାନ୍ତ୍ରିକୀକରଣ। ଏବେ, ସ୍ୱାଧୀନ ଚଳଚ୍ଚିତ୍ର ନିର୍ମାତାମାନେ ଏଆଇ-ଚାଳିତ ଉପକରଣ ସାହାଯ୍ୟରେ ଉଚ୍ଚମାନର ବିଷୟବସ୍ତୁ ସୃଷ୍ଟି କରିପାରୁଛନ୍ତି। କ୍ଲାଉଡ୍-ଆଧାରିତ ଏଡିଟିଂ ସୁଟ୍ ଏବଂ ଓପନ୍-ସୋର୍ସ ସଫ୍ଟୱେର୍ ବ୍ୟବହାରକାରୀମାନଙ୍କୁ ବହୁତ ଟଙ୍କା ଖର୍ଚ୍ଚ ନକରି ଭିଏଫ୍‌ଏକ୍ସ, ଆନିମେସନ୍ ଏବଂ ସାଉଣ୍ଡ ଡିଜାଇନ୍ ସହିତ ପରୀକ୍ଷଣ କରିପାରୁଛନ୍ତି। ପ୍ରତ୍ୟେକ ଦୃଶ୍ୟରେ ବାଞ୍ଛିତ ପ୍ରଭାବ ହାସଲ କରିବା ପାଇଁ, ଆଇ ସିନେମା ଫଟୋଗ୍ରାଫର ମାନଙ୍କୁ ସବୁଠାରୁ ଦକ୍ଷ କ୍ୟାମେରା ଆଙ୍ଗଲ ଏବଂ ଆଲୋକ ପରିସ୍ଥିତିର ପୂର୍ବାନୁମାନ କରିବାରେ ସାହାଯ୍ୟ କରିପାରିବ। ଏହାକୁ ବ୍ୟବହାର କରି, ସମ୍ପାଦକମାନେ ଘଣ୍ଟା ଘଣ୍ଟାର ଫୁଟେଜ୍ ସ୍କାନ କରିପାରିବେ ଏବଂ ନୋଟ୍ସ ଏବଂ ବିଶ୍ଳେଷଣ ପ୍ରଦାନ କରିପାରିବେ। ତା'ପରେ ସମ୍ପାଦକ ଶେଷ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରିବା ପାଇଁ ସର୍ବୋତ୍ତମ ସଟ୍ ବାଛିପାରିବେ, ସମୟ ବଞ୍ଚାଇବେ ଏବଂ ଦକ୍ଷତା ବୃଦ୍ଧି କରିବେ। ପୁରୁଣା ଭାରତୀୟ ଚଳଚ୍ଚିତ୍ରଗୁଡ଼ିକର ପୁନଃନିର୍ମାଣ ପାଇଁ ବହୁତ କାମ ଚାଲିଛି ଏବଂ ଏଥିରେ ଏଆଇ ଏକ ବଡ଼ ଭୂମିକା ଗ୍ରହଣ କରିପାରିବ। ଖରାପ ହୋଇଥିବା ମୂଳ ଫିଲ୍ମ ରିଲଗୁଡ଼ିକର ଡିଜିଟାଲ୍ ପୁନରୁଦ୍ଧାର ହେଉ ବା ଖରାପ ହୋଇଥିବା ଫଟୋକେମିକାଲ୍ ଫିଲ୍ମଗୁଡ଼ିକର ନକଲ; ଧୂଳି, ସ୍କ୍ରାଚ୍ ଏବଂ ଝଟ୍‌କା ହ୍ରାସ କରିବା ସହିତ ଚିତ୍ରର ଗୁଣବତ୍ତା ମଧ୍ୟ ବୃଦ୍ଧି କରିବାରେ ଏଆଇ ସହାୟକ ହୋଇପାରିବ। ଭାରତରେ ଅନେକ ଭାଷା କୁହାଯାଏ ଏବଂ ସେଥିରେ ଚଳଚ୍ଚିତ୍ର ନିର୍ମିତ ହୁଏ। ଭାଷା ପ୍ରକ୍ରିୟାକରଣରେ ଉନ୍ନତି ଆଣି, କୃତ୍ରିମ ବୁଦ୍ଧିମତା (ଏଆଇ) ବହୁଳ ଦର୍ଶକଙ୍କ ପାଇଁ ଚଳଚ୍ଚିତ୍ରର ଶୀର୍ଷକ, ଡବିଂ ଏବଂ ଅନୁବାଦକୁ ସହଜ କରିବାରେ ସାହାଯ୍ୟ କରିପାରିବ।

ଯଦିଓ ଏଆଇର ଅନେକ ଲାଭ ଅଛି, ସିନେମାରେ ଇଏଆଇର ବ୍ୟବହାର ଅନେକ ନୈତିକ ଉଦ୍‌ବେଗ ମଧ୍ୟ ସୃଷ୍ଟି କରେ। ଯଦି ଟେକ୍ନୋଲୋଜିର ଅପବ୍ୟବହାର କରାଯାଏ, ତେବେ ଡିପଫେକ୍ ପ୍ରଯୁକ୍ତିବିଦ୍ୟା ଭୁଲ ସୂଚନା କିମ୍ବା ସମ୍ମତି ଉଲ୍ଲଂଘନର କାରଣ ବି ହୋଇପାରେ। କଳାତ୍ମକ ପ୍ରାମାଣିକତାର ପ୍ରଶ୍ନ ମଧ୍ୟ ଏଠି ଜଡ଼ିତ: ମାନବ ସୃଜନଶୀଳତା ଏବଂ ମେସିନର ସହାୟତା ମଧ୍ୟରେ ଆମେ କେଉଁଠାରେ ଠିଆ ହେବା? ଚଳଚ୍ଚିତ୍ର ନିର୍ମାଣରେ ଏଆଇ କୌଶଳର କାର୍ଯ୍ୟାନ୍ୱୟନ ମଧ୍ୟ ମହଙ୍ଗା ହୋଇପାରେ। ଅନେକ ଚଳଚ୍ଚିତ୍ର ନିର୍ମାତା ଏପରି ନିବେଶ କରିପାରିବେ ନାହିଁ। ଅଧିକନ୍ତୁ, ଅନ୍ୟ ଯେକୌଣସି ପ୍ରଯୁକ୍ତିବିଦ୍ୟା ପରି, ନିର୍ଭରଶୀଳତାର ବିପଦ ସର୍ବଦା ରହିଛି। ନିର୍ମାଣରେ କୃତ୍ରିମ ବୁଦ୍ଧିମତା ବ୍ୟବହାର କରି, ଚଳଚ୍ଚିତ୍ର ନିର୍ମାତାମାନେ ପ୍ରଯୁକ୍ତିବିଦ୍ୟା ଉପରେ ଅତ୍ୟଧିକ ନିର୍ଭରଶୀଳ ହେବାର ବିପଦ ରହିଛି। ଏହା ଗୁରୁତ୍ୱପୂର୍ଣ୍ଣ ଯେ ଏଆଇ ପାଇଁ ତଥ୍ୟ ଆବଶ୍ୟକ, ଏବଂ ସେହି ତଥ୍ୟ ସଂଗ୍ରହ ଏବଂ ପ୍ରସ୍ତୁତ ମଧ୍ୟ କରାଯିବା ଆବଶ୍ୟକ। ବିଭିନ୍ନ ଶିଳ୍ପରେ ତଥ୍ୟ ଗୋପନୀୟତା ଏକ ଚିନ୍ତା ସୃଷ୍ଟିକାରୀ ବିଷୟ। ଏଠାରେ ମୁହଁ ଚିହ୍ନଟକରଣ ଏବଂ ବାୟୋମେଟ୍ରିକ୍ସର ବ୍ୟବହାର ଏହି ଚିନ୍ତାକୁ ଆହୁରି ବଢ଼ାଇ ଦିଏ। ବିଭିନ୍ନ କ୍ଷେତ୍ରରେ ଏଆଇ ବ୍ୟବହାର ବୃଦ୍ଧି ପାଉଥିବାରୁ, ସେଗୁଡ଼ିକ ହ୍ୟାକର୍ସ ଏବଂ ସାଇବର ଅପରାଧୀଙ୍କ ପାଇଁ ମଧ୍ୟ ଆକର୍ଷଣୀୟ ହେବା ସ୍ୱାଭାବିକ। ଏଆଇ ସିଷ୍ଟମରେ ବ୍ୟବହୃତ ଆଲଗୋରିଦମ ଏକ ପାକ୍ଷିଆ ହେବା ସହିତ ଏହା ସୀମିତ ପ୍ରତିନିଧିତ୍ୱ ସୃଷ୍ଟି କରିପାରେ। ଅର୍ଥାତ୍ ପୂର୍ବନିର୍ଦ୍ଧାରିତ ପାରାମିଟର ମଧ୍ୟରେ ଅଭିନବ ଚିନ୍ତାଧାରା ସୃଷ୍ଟି କରିବା ପାଇଁ ଏହି ସିଷ୍ଟମଗୁଡ଼ିକ ଉତ୍କୃଷ୍ଟ ହୋଇପାରନ୍ତି କିନ୍ତୁ ମଣିଷର ସମ୍ବେଦନଶୀଳତା, ସୃଜନଶୀଳତା ଏଠାରେ ନାହିଁ। ବର୍ତ୍ତମାନର ଏଆଇ ସିଷ୍ଟମଗୁଡ଼ିକ ପ୍ୟାଟର୍ନ ଚିହ୍ନଟ କରିବାରେ ଉତ୍କୃଷ୍ଟ ଏବଂ ବହୁତ ପରିମାଣର ତଥ୍ୟକୁ ଶୀଘ୍ର ପ୍ରକ୍ରିୟାକରଣ କରେ। ତଥାପି, ସେମାନଙ୍କ ପାଖରେ ମାନବିକ ବୁଝାମଣା, ଅନ୍ତର୍ଜ୍ଞାନ ଏବଂ ସହାନୁଭୂତିର ଅଭାବ ରହିଛି।

ପ୍ରଯୁକ୍ତିବିଦ୍ୟାର ଚମତ୍କାର ପ୍ରଲୋଭନର ଶିକାର ହେବ କି ନାହିଁ? - ତାହା ଦ୍ୱନ୍ଦ୍ୱ ରହିଛି! ଏବେ ଭାରତୀୟ ଚଳଚ୍ଚିତ୍ର ନିର୍ମାତା ଏବଂ କାରିଗରମାନେ ଅସୀମ ସୃଜନଶୀଳତା ଏବଂ ଦକ୍ଷତାର ସମ୍ଭାବନା ରଖୁଥିବା ଇଓ-ଚାଳିତ ଇମର୍ସିଭ୍ ଉପକରଣ ଦ୍ୱାରା ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନର ପାର୍ଶ୍ୱରେ ଠିଆ ହୋଇଛନ୍ତି। ଫଳସ୍ୱରୂପ, ଦର୍ଶକଙ୍କ ଅଂଶଗ୍ରହଣ ମଧ୍ୟ ବୃଦ୍ଧି ପାଇବ। କିନ୍ତୁ ଅନ୍ୟପକ୍ଷରେ, ଚାକିରି କିମ୍ବା କଳାତ୍ମକ ନିୟନ୍ତ୍ରଣ ହରାଇବାର ଭୟ ମଧ୍ୟ ସୃଷ୍ଟି ହୋଇଛି। ଇତିହାସ ସାକ୍ଷୀ ଯେ ଭାରତୀୟ ସିନେମା କେବେବି ନିଜକୁ ପୁନର୍ବିନ୍ୟାସ କରିବାରେ ପଛଘୁଞ୍ଚା ଦେଇନାହିଁ - ନୀରବ ରିଲ୍ ଠାରୁ କମ୍ପ୍ୟୁଟର ଗ୍ରାଫିକ୍ସ-ଚାଳିତ ମହାକାବ୍ୟ ପର୍ଯ୍ୟନ୍ତ। ଶିଳ୍ପ ଆଲଗୋରିଦମ ଏବଂ ଅବତାର ସହିତ ପରୀକ୍ଷଣ କରୁଥିବାରୁ, ଶେଷରେ ଏହା ଅନୁଭବ କରୁଛି ଯେ ଯେତେବେଳେ ପ୍ରଯୁକ୍ତିବିଦ୍ୟା ସୃଜନଶୀଳତାକୁ ସେବାରେ ରହେ ଏବଂ ଏହାକୁ ବଦଳାଇ ନଥାଏ, ସେତେବେଳେ କାହାଣୀ ସର୍ବୋତ୍ତମ ଭାବରେ କୁହାଯାଇପାରେ।

ଭୁବନେଶ୍ୱର
୨୫ ଅପ୍ରେଲ,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶିମିଳିପାଳକୁ ମିଳିଲା ଜାତୀୟ ଉଦ୍ୟାନ ମାନ୍ୟତା




**ବାରିପଦା, ୨୪/୪ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାର ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣକୁ ଜାତୀୟ ଉଦ୍ୟାନ ଭାବରେ ଘୋଷଣା କରିଛନ୍ତି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଗୁରୁବାର ଏହି ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ୨,୩୦୬.୬୧ ବର୍ଗ କିଲୋମିଟର ଅଞ୍ଚଳରେ ବିସ୍ତାରିତ। ଏଥିମଧ୍ୟରୁ ୮୪୫.୭୦ ବର୍ଗ କିଲୋମିଟର ଅଞ୍ଚଳକୁ ଜାତୀୟ ଉଦ୍ୟାନ ଭାବରେ ଘୋଷଣା କରାଯାଇଛି। ମାନଦଣ୍ଡ ଅନୁଯାୟୀ, ଜାତୀୟ ଉଦ୍ୟାନ ସମ୍ପୂର୍ଣ୍ଣ ଅକ୍ଷୁର୍ଣ୍ଣ ଏବଂ ମଣିଷ ବାସସ୍ଥାନ ଓ ଗୃହପାଳିତ ପଶୁଙ୍କ ଗତିବିଧିରୁ ମୁକ୍ତ ହେବା ଆବଶ୍ୟକ। ୧,୧୯୪.୭୫ ବର୍ଗ କିଲୋମିଟର ଅଞ୍ଚଳରେ ବିସ୍ତାରିତ ଶିମିଳିପାଳର ମୂଳ ଅଞ୍ଚଳ ୬ଟି ଗ୍ରାମ ଥିଲା। ମୟୂରଭଞ୍ଜର ଜିଲ୍ଲା ପ୍ରଶାସନ ଗ୍ରାମଗୁଡ଼ିକୁ ସ୍ଥାନାନ୍ତରିତ କରିଛି ଏବଂ ୮୪୫.୭୦ ବର୍ଗ କିଲୋମିଟର ଅଞ୍ଚଳକୁ ମାନବ ବାସସ୍ଥାନରୁ ମୁକ୍ତ ଘୋଷଣା କରିଛି।



ପୁରୀ : ତାଳବଣିଆରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଓ ପ୍ରଭାତୀ ପରିଡା ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)



ପୋଲିସ କର୍ମଚାରୀମାନଙ୍କ ଭତ୍ତା ଓ ପ୍ରୋତ୍ସାହନ ରାଶି ବୃଦ୍ଧି ନେଇ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଉଛନ୍ତି ୱାଇ ବି ଖୁରାନିଆ। (ଫଟୋ : ସମ୍ବାଦ କଳିକା)

# ୧୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ପିଲା ନିଜ ବ୍ୟାଙ୍କ ଆକାଉଣ୍ଟକୁ ଚଲାଇ ପାରିବେ : ଆର.ବି.ଆଇ




**ନୂଆଦିଲ୍ଲୀ, ୨୪/୪**

ଏବେ ୧୦ ବର୍ଷରୁ ଅଧିକ ବୟସର ପିଲା ନିଜ ବ୍ୟାଙ୍କ ଆକାଉଣ୍ଟକୁ ନିଜେ ଅପରେଟ୍ କରି ପାରିବେ। ଆରବିଆଇ ବ୍ୟାଙ୍କ ଗୁଡ଼ିକୁ ଏହି ସମ୍ବନ୍ଧରେ ଜାରି କରିଛି ନିର୍ଦ୍ଦେଶ। ରିଜର୍ଭ ବ୍ୟାଙ୍କ କହିଛି, ୧୦ ବର୍ଷରୁ ଅଧିକ ବୟସର ନାବାଳକଙ୍କୁ ସେଭିଂ ବା ଫିକ୍ସ ଡିପୋଜିଟ୍ ଆକାଉଣ୍ଟ ଖୋଲିବା ଓ ଅପରେଟ୍ କରିବାକୁ ଅନୁମତି ଦିଆ ଯାଉଛି। ଏବେସୁଦ୍ଧା ଅଭିଭାବକ ହିଁ ନାବାଳକଙ୍କ ଆକାଉଣ୍ଟକୁ ଅପରେଟ୍ କରନ୍ତି। ଆରବିଆଇ କମର୍ସିଆଲ ବ୍ୟାଙ୍କ ଓ ସହକାରୀ ବ୍ୟାଙ୍କ ଗୁଡ଼ିକୁ ଜାରି ଏକ ସର୍କୁଲାରରେ କହିଛି ଯେ, କୌଣସି ବି ବୟସର ନାବଳକଙ୍କୁ ନିଜର ପ୍ରାକୃତିକ ବା ଆଇନଗତ ଅଭିଭାବକଙ୍କ ମାଧ୍ୟମରେ ସେଭିଂ ଓ ଫିକ୍ସଡ୍ ଡିପୋଜିଟ୍ ଆକାଉଣ୍ଟ ଖୋଲିବା ଓ ଅପରେଟ୍ କରିବାର ଅନୁମତି ଦିଆଯାଉଛି। ତାଙ୍କୁ ନିଜର ମାଆଙ୍କୁ ଅଭିଭାବକ ଭାବେ ରଖି ମଧ ଏମିତି ଆକାଉଣ୍ଟ ଖୋଲିବାର ଅନୁମତି ଦିଆଯାଇ ପାରେ। ସର୍କୁଲାର ମୁତାବକ ବ୍ୟାଙ୍କ ନିଜର ରିସ୍କ ମ୍ୟାନେଜମେଣ୍ଟ ପଲିସ୍‌କୁ ଧ୍ୟାନରେ ରଖି ରାଶି ଓ ସର୍ତ୍ତ ସ୍ଥିର କରିପାରିବ। ଏହି ବିଷୟରେ ଯାହା ବି ନିୟମ ଓ ସର୍ତ୍ତ ସ୍ଥିର କରାଯିବ, ତାହା ଆକାଉଣ୍ଟଧାରୀଙ୍କୁ ସୂଚନା ଦିଆଯିବ। ସର୍କୁଲାରରେ କୁହାଯାଇଛି କି ବ୍ୟାଙ୍କ ଗୁଡ଼ିକ ନିଜର ରିସ୍କ ମ୍ୟାନେଜମେଣ୍ଟ ପଲିସି, ଉତ୍ପାଦ ଓ ଗ୍ରାହକଙ୍କ ଆଧାରରେ ନାବାଳକ ଆକାଉଣ୍ଟଧାରୀଙ୍କୁ ଇଣ୍ଟରନେଟ୍ ବ୍ୟାଙ୍କିଂ, ଏଟିଏମ / ଡେବିଟ୍ କାର୍ଡ , ଚେକ୍ ବୁକ୍ ସୁବିଧା ଆଦି ଭଳି ଅତିରିକ୍ତ ସୁବିଧା ସବୁ ପ୍ରଦାନ କରି ପାରିବେ। ବ୍ୟାଙ୍କ ଗୁଡ଼ିକୁ ଏହା ସୁନିଶ୍ଚିତ କରିବାକୁ ହେବ ଯେ, ନାବାଳକଙ୍କ ଆକାଉଣ୍ଟ, ତାହା ସ୍ୱାଧୀନ ଭାବେ ହେଉ ବା ଅଭିଭାବକଙ୍କ ଦ୍ୱାରା ପରିଚାଳିତ ହେଉ, ଏଥିରେ ଅଧିକ ଟଙ୍କା ରଖାନଯାଉ, ସର୍ବଦା ସନ୍ତୁଳନ ବଜାୟ ରଖାଯାଉ। ଆରବିଆଇ କହିଛି , ଏହା ବ୍ୟତୀତ ବ୍ୟାଙ୍କ ନାବାଳକଙ୍କ ଜମା ଆକାଉଣ୍ଟ ଖୋଲିବା ପାଇଁ ଗ୍ରାହକଙ୍କ ଉଚିତ୍ ଯାଞ୍ଚ-ବଜାୟ ରଖିବେ। ଆରବିଆଇ ବ୍ୟାଙ୍କ ଗୁଡ଼ିକୁ କହିଛି ଯେ , ସେ ୧ ଜୁଲାଇ ୨୦୨୫ ସୁଦ୍ଧା ସଂଶୋଧିତ ନୀତି ନିର୍ଦ୍ଦେଶ ଗୁଡ଼ିକର ଅନୁରୂପ ନୂଆ ନୀତି ପ୍ରଣୟନ କରିବାକୁ ବା ବର୍ତ୍ତମାନ ଥିବା ନୀତି ଗୁଡ଼ିକରେ ସଂଶୋଧନ କରନ୍ତୁ ।

# ପୂରଣ ହେବ ୩୨ ହଜାର ପୁଲିସ ପଦବୀ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୪/୪**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର କହିଛନ୍ତି ଓଡ଼ିଶାର ପୁଲିସ ବାହିନୀକୁ ଦକ୍ଷ ଓ ଶୃଙ୍ଖଳିତ କରି ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ସେ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟ ପୁଲିସ ବାହିନୀରେ ପ୍ରାୟ ୧୬ ହଜାର ପଦବୀ ଖାଲି ଥିବାବେଳେ, ଆହୁରି ୧୬,୦୫୯ଟି ନୂଆ ପଦବୀ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏସବୁ ପଦବୀ ପୂରଣ ହେବା ପରେ ରାଜ୍ୟର ଜନସଂଖ୍ୟା ଅନୁପାତରେ ପୁଲିସର ନିୟୋଜନ ଯଥେଷ୍ଟ ବୃଦ୍ଧି ପାଇବ। ଏହାସହିତ ପୁଲିସ ବାହିନୀକୁ ଅଧିକ ଦକ୍ଷ କରିବା ପାଇଁ ଅଧିକାରୀମାନେ ଅନ୍ୟ ରାଜ୍ୟକୁ ଯାଇ, ସେଠାକାର ପରିଚାଳନା ପଦ୍ଧତିକୁ ଅନୁସରଣ କରିବା ଉପରେ ମଧ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂଘର କର୍ମକର୍ତ୍ତାମାନଙ୍କୁ ଦକ୍ଷତାର ସହ ଆଗାମୀ ଦିନ ଗୁଡିକରେ କାର୍ଯ୍ୟ କରିବାକୁ ଏବଂ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିର ଉନ୍ନତି ପାଇଁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହି ବୈଠକରେ ଉପସ୍ଥିତ ସମସ୍ତ ପୁଲିସ କର୍ମଚାରୀମାନଙ୍କୁ ରାଜ୍ୟବାସୀଙ୍କ ଆଶା ଓ ଭରସାର ମାନ ରଖି ଓଡ଼ିଶାକୁ ଶାନ୍ତି ଶୃଙ୍ଖଳା କ୍ଷେତ୍ରରେ ଏକ ଆଦର୍ଶ ରାଜ୍ୟ ଭାବେ ଗଢି ତୋଳିବାରେ ନିଜର ଯୋଗଦାନ ରଖିବାକୁ ପରାମର୍ଶ ଦେଇଥିଲେ। ଅସହାୟମାନେ କିଭଳି ଯଥା ଶୀଘ୍ର ସହାୟତା ପାଇବେ, ଅସୁରକ୍ଷିତ ଲୋକେ କିଭଳି ତୁରନ୍ତ ସୁରକ୍ଷା ପାଇବେ ସେଥିପ୍ରତି ଧ୍ୟାନ ଦେବା ଓ ସମସ୍ତ ପୁଲିସ ଷ୍ଟେସନରେ ଅଭିଯୋଗ ତୁରନ୍ତ ଗ୍ରହଣ ଏବଂ ସେହି ମାମଲା ଉପରେ କିଭଳି ଠିକ୍ ସମୟରେ ତଦନ୍ତ କରାଯିବ, ସେଥିପ୍ରତି ଯତ୍ନବାନ ହେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ରାଜ୍ୟ ପୁଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଲିସ କର୍ମଚାରୀଙ୍କ ଭତ୍ତା ଓ ପ୍ରୋତ୍ସାହନ ରାଶି ବୃଦ୍ଧି କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ କନଷ୍ଟେବଳ ଠାରୁ ଇନ୍‌ସପେକ୍ଟର ପର୍ଯ୍ୟନ୍ତ ପୁଲିସ କର୍ମଚାରୀଙ୍କ ପୋଷାକ ଭତ୍ତା ଦ୍ୱିଗୁଣିତ ହୋଇଛି। ଇନ୍ସପେକ୍ଟରମାନଙ୍କ



ପୋଷାକ ଭତ୍ତା ବାର୍ଷିକ ୪୩୦୦ରୁ ୮୬୦୦ ଟଙ୍କା, ସବ୍‌ଇନ୍ସପେକ୍ଟର ଓ ଏଏସ୍‌ଆଇମାନଙ୍କ ପୋଷାକ ଭତ୍ତା ବାର୍ଷିକ ୪୨୦୦ ଟଙ୍କାରୁ ୮୪୦୦ ଟଙ୍କା, ହାବିଲଦାର, କନେଷ୍ଟବଳ ଓ ସିପାହୀମାନଙ୍କ ପାଇଁ ୫୦୦୦ରୁ ୧୦,୦୦୦ ଟଙ୍କା ଏବଂ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସର ଏକ୍‌ସ ଆର୍ମି କର୍ମଚାରୀମାନଙ୍କ ପାଇଁ ପୋଷାକ ଭତ୍ତାର ପରିମାଣ ବାର୍ଷିକ ୫୯୦୦ ଟଙ୍କାରୁ ୧୧,୮୦୦ ଟଙ୍କାକୁ ବୃଦ୍ଧି ପାଇଛି । ଏହି ପଦବୀର ସମାନ ର୍‍ୟାଙ୍କର କର୍ମଚାରୀ ଓ ଅଧିକାରୀମାନଙ୍କୁ ମଧ ଏହି ପରିମାଣରେ ଭତ୍ତା ମିଳିବ। ସେହିପରି କନେଷ୍ଟବଳ, ସିପାହୀ ଓ ସମାନ ର୍‍ୟାଙ୍କର କର୍ମଚାରୀମାନଙ୍କ ପାଇଁ ଅତିରିକ୍ତ ଦାୟିତ୍ୱ ପାଇଁ ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହାସହିତ ହାବିଲଦାର ଓ ସମାନ ର୍‍ୟାଙ୍କର କର୍ମଚାରୀମାନଙ୍କ ଅତିରିକ୍ତ ଦାୟିତ୍ୱ ପାଇଁ ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଭତ୍ତା ଓ ପ୍ରୋତ୍ସାହନ ରାଶିରେ ବୃଦ୍ଧି ଯୋଗୁ ଗୁରୁବାର କନେଷ୍ଟବଳ, ହବିଲଦାର ଓ ସିପାହୀ ସଂଘର କର୍ମକର୍ତ୍ତାମାନେ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଭେଟି କୃତଜ୍ଞତା ପ୍ରକାଶ କରିଥିଲେ। ଏହି ବୈଠକ ଆରମ୍ଭରେ ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ସ୍ୱାଗତଭାଷଣ ଦେବା ସହିତ ନିକଟରେ ପୁଲିସ ବାହିନୀର ବିଭିନ୍ନ ବିଭାଗକୁ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। କନେଷ୍ଟବଳ, ହାବିଲଦାର ଓ ସିପାହୀ ମହାସଂଘର ସଭାପତି ଅନିଲ କୁମାର ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ସଂପାଦକ କିଶୋର କୁମାର ମହାନ୍ତି ଓ ଅନ୍ୟ ସଦସ୍ୟମାନେ ମଧ ଉପସ୍ଥିତ ଥିଲେ।

# ମିଶନ ଶକ୍ତି ପୁନର୍ଗଠନର ଦୁଇ ନିୟମ ଉପରେ ହାଇକୋର୍ଟଙ୍କ ରହିତାଦେଶ

**ଭୁବନେଶ୍ୱର, ୨୪/୪ ନ୍ୟୁଜ ବ୍ୟୁରୋ**

ମିଶନ ଶକ୍ତିର ରାଜନୀତିକରଣ ଉଦ୍ୟମ ଉପରେ ହାଇକୋର୍ଟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଓଡ଼ିଶା ହାଇକୋର୍ଟ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭାବରେ ଦୁଇଟି ନିୟମ ଉପରେ ରହିତାଦେଶ ଜାରି କରିଛନ୍ତି। ଯେଉଁମାନେ ୨ ଥର ଅର୍ଥାତ୍ ୪ ବର୍ଷ ପାଇଁ ବିଭିନ୍ନ ପଦପଦବୀରେ କାମ କରିଛନ୍ତି, ସେମାନଙ୍କୁ ଆଉ ସୁଯୋଗ ମିଳିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ ଜାରି ମାର୍ଗଦର୍ଶିକା ଉପରେ ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ଅଙ୍କୁଶ ଲଗାଇଛନ୍ତି। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ମିଶନ ଶକ୍ତିରେ ଶାସକ ଦଳର ସଦସ୍ୟାଙ୍କୁ ଥଇଥାନ କରିବା ପାଇଁ ରାଜ୍ୟ ସରକାର ବିଧିବଦ୍ଧ ଭାବରେ ଉଦ୍ୟମ ଆରମ୍ଭ କରିଥିଲେ। ଏହିକ୍ରମରେ ଗତ ଜାନୁଆରୀ ୨୨ ତାରିଖରେ ମିଶନ ଶକ୍ତି ପୁନର୍ଗଠନ ସକାଶେ ରାଜ୍ୟ ସରକାର ସମସ୍ତ ଜିଲ୍ଲାପାଳଙ୍କୁ ଏକ ମାର୍ଗଦର୍ଶିକା ପ୍ରେରଣ



କରିଥିଲେ। ତେବେ ମାର୍ଗଦର୍ଶିକାର ଧାରା ୫.୧୦ ଏବଂ ୫.୧୧ କୁ ନେଇ ମିଶନ ଶକ୍ତି ନିର୍ବାହୀ ସଦସ୍ୟମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଦୁଇଥର ଅର୍ଥାତ୍ ୪ ବର୍ଷ ପାଇଁ ମିଶନ ଶକ୍ତିରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିବା ମହିଳାଙ୍କୁ ଆଉ ସୁଯୋଗ ମିଳିବ ନାହିଁ ବୋଲି ମାର୍ଗଦର୍ଶିକାରେ ଉଲ୍ଲେଖ ଥିଲା ଓ କାର୍ଯ୍ୟନିର୍ବାହୀ କମିଟି (ଇସି)ରେ ଗୋଟିଏ ପରିବାରରୁ ମାତ୍ର ଜଣେ ସଦସ୍ୟ ସଦସ୍ୟା ହୋଇପାରିବେ ବୋଲି ନିୟମ ପ୍ରସ୍ତୁତ କରାଯାଇଥିଲା ଏପରିକି ଉକ୍ତ ସଦସ୍ୟାଙ୍କର ନିକଟ କିମ୍ବା ଦୂର ସମ୍ପର୍କୀୟ ମଧ ନିର୍ବାହୀ କମିଟି ସଦସ୍ୟ ହୋଇ ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ଯାହାଫଳରେ ରାଜ୍ୟରେ ଇସି ମେମ୍ବର ଭାବେ କାର୍ଯ୍ୟ କରୁଥିବା ହଜାର ହଜାର ମହିଳା ନିଜର କର୍ମସଂସ୍ଥାନ ହରାଇଥିଲେ। ସ୍ୱଳ୍ପ ଦରମାରେ ରାଜ୍ୟରେ ତୃଣମୂଳସ୍ତରରେ ସରକାରୀ ଯୋଜନା ପହଞ୍ଚାଇବା ସହ ମହିଳାଙ୍କ ସାମାଜିକ, ଅର୍ଥନୈତିକ ସଶକ୍ତୀକରଣ କ୍ଷେତ୍ରରେ ଇସି ମେମ୍ବରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ମାତ୍ର ସେମାନଙ୍କୁ ରାତି ଅଧିଆ ଛଟେଇ କରିବାକୁ ନେଇ ସେମାନେ ତାତିଥିଲେ। ଗତ ବଜେଟ ଅଧିବେଶନ ବେଳେ ସେମାନେ ଗାନ୍ଧୀ ମାର୍ଗରେ ଅହୋରାତ୍ର ଧାରଣା ଦେଇଥିଲେ। ପ୍ରମୁଖ ବିରୋଧୀ ଦଳ ବିଜେଡି ଏହାକୁ ନେଇ ବିଧାନସଭାରେ ତମ୍ବିତୋଫାନ କରିବା ସହ ତୁରନ୍ତ ଏପରି ନିୟମକୁ ବାତିଲ୍ କରିବାକୁ ଦାବି କରିଥିଲା। ଇସି ମେମ୍ବରମାନେ ମିଶନ ଶକ୍ତିକୁ ତିଆରି କରିଛନ୍ତି। ସେମାନେ ହିଁ ମିଶନ ଶକ୍ତିର ମେରୁଦଣ୍ଡ। ସେମାନଙ୍କ ପରିଚାଳନାରେ ଆଜି ରାଜ୍ୟରେ ଜୀବିକା ମିଶନ ଚାଲୁଛି। ମାତ୍ର ସରକାର ଏହାକୁ କର୍ଣ୍ଣପାତ ନ କରିବାରୁ କିଛି ମହିଳା ସଦସ୍ୟା ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ବିଚାର କରି ଏହା ଉପରେ ଅଙ୍କୁଶ ଜାରି କରିଛନ୍ତି।

## କଟକରେ ନକଲି ବିଦେଶୀ ମଦ କାରଖାନାରେ ଚଢଉ: ବିପୁଳ ପରିମାଣର ସାମଗ୍ରୀ ଜବତ, ଜଣେ ଅଟକ

**କଟକ, ୨୪/୦୪ ନ୍ୟୁଜ ବ୍ୟୁରୋ**

କଟକରେ ନକଲି ବିଦେଶୀ ମଦ କାରଖାନାରେ ଅବକାରୀ ବିଭାଗ ପକ୍ଷରୁ ଚଢଉ ହୋଇ ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ ହୋଇଛି। ଏହି ଚଢଉରେ ୨୭ଟି ବିଦେଶୀ ମଦ ବୋତଲ ସହ ୧୯ ବୋତଲ ଦେଶୀ ମଦ ଜବତ ହୋଇଛି। ଏଥି ସହିତ ମଦ ପ୍ରସ୍ତୁତ ପାଇଁ ଥିବା ୫୬୦ଲିଟର ସ୍ପିରିଟ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ମଧ ଜବତ ହୋଇଛି । ଏହି ଘଟଣାରେ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ଅବକାରୀ ବିଭାଗ । ସୂଚନା ମୁତାବକ, କଟକ ଚୌଦ୍ୱାର ଅଞ୍ଚଳରେ ଦୀର୍ଘ ୩ ମାସ ଧରି ଏକ ଭଡ଼ା ଘରେ ଚାଲିଥିଲା ଏହି ବେଆଇନ ମଦ ଫ୍ୟାକ୍ଟ୍ରି । ଏହି ଫ୍ୟାକ୍ଟ୍ରିରେ ମଦ ପ୍ରସ୍ତୁତ ହୋଇ କଟକ ଏବଂ ଯାଜପୁର ଅଞ୍ଚଳରେ ବିକ୍ରି ହେଉଥିଲା। ଏନେଇ ଏକ ବିଶେଷ ସୂତ୍ରକୁ ସୂଚନା ପାଇଥିଲା ଅବକାରୀ ବିଭାଗ ।

## ତିନି ସେନା ସହ ବଡ ବୈଠକ

# ଆତଙ୍କୀ ଆକ୍ରମଣର ପ୍ରତିଶୋଧ ନେବ ଭାରତ



**ନୂଆଦିଲ୍ଲୀ, ୨୪/୪**

ଜମ୍ମୁ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ତିନୋଟି ବାହିନୀର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ । ରିପୋର୍ଟ ଅନୁସାରେ, ପହଲଗାମ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ବୈଠକରେ ଏକ ଯୋଜନା ପ୍ରସ୍ତୁତ ହୋଇଥିଲା । ରିପୋର୍ଟ ଅନୁଯାୟୀ, ପ୍ରତିରକ୍ଷା ମନ୍ତ୍ରଣାଳୟର ବୈଠକ ପ୍ରାୟ ସାଢ଼େ ତିନି ଘଣ୍ଟା ଧରି ଚାଲିଥିଲା । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହିତ, ତିନି ସଶସ୍ତ୍ର ବାହିନୀର ମୁଖ୍ୟମାନେ ମଧ ଏହି ବୈଠକରେ ଯୋଗ ଦେଇଥିଲେ । ବୈଠକରେ ପହଲଗାମ ଆକ୍ରମଣର ପ୍ରତିଶୋଧ କିପରି ନିଆଯିବ ସେ ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ପ୍ରସ୍ତୁତ ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ମୁଖରେ ରଖାଯିବ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାଉଦି ଆରବ ଗସ୍ତ ପାଇଁ ଯାଇଥିଲେ । ସେ ସେଠାରେ ପହଞ୍ଚିବା ପରେ ଆତଙ୍କବାଦୀମାନେ ପହଲଗାମ ଉପରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଥିଲେ । ଆକ୍ରମଣ ପରେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ଗସ୍ତ ଅଧା ବାଟରେ ଛାଡି ଫେରି ଆସିଲେ । ବିମାନବନ୍ଦରରେ ପହଞ୍ଚିବା ମାତ୍ରେ ସେ ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର ଏବଂ ଅଜିତ ଡୋଭାଲଙ୍କଠାରୁ ଆକ୍ରମଣ ବିଷୟରେ ସୂଚନା ନେଇଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶ୍ରୀନଗରରେ ମଧ ପହଞ୍ଚିଥିଲେ । ଏହା ପରେ ସେ ପହଲଗାମର ଆକ୍ରମଣ ସ୍ଥାନରେ ପହଞ୍ଚିଲେ । ଅମିତ ଶାହା ଆକ୍ରମଣରେ ପ୍ରାଣ ହରାଇଥିବା ଲୋକମାନଙ୍କୁ ମଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପୋଖରୀରେ ବୁଡ଼ି ଦୁଇ ଭଉଣୀଙ୍କ ସଲିଳ ସମାଧି

**ଭଦ୍ରକ,୨୪/୦୪ ନ୍ୟୁଜ ବ୍ୟୁରୋ**

ଭଦ୍ରକ ଜିଲ୍ଲା କସିଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଚାନ୍ଦିମାଳ ଡିହସାହି ଗ୍ରାମରେ ଘଟିଛି ଅଘଟଣ। ପୋଖରୀରେ ବୁଡି ଦୁଇ ଭଉଣୀଙ୍କ ମୃତ୍ୟୁ ଘଟିଛି । ମୃତ ଦୁଇ ଭଉଣୀ ହେଲେ ସାନକୃଷ୍ଣପୁର ପଞ୍ଚାୟତ ଡିହସାହି ଗାଁର ବସନ୍ତ ମଳିକଙ୍କ ଦୁଇ ଝିଅ କ୍ରିଷ୍ଣା ରାଣୀ (୭) ଓ କୋଏଲ ମଳିକ(୫) ବୋଲି ଜଣାପଡିଛି। ସୂଚନା ମୁତାବକ, ଗୁରୁବାର ସକାଳେ ଦୁଇ ଭଉଣୀ ଜେଜେମା ସହିତ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଜେଜେମା ପୋଖରୀରେ ଗାଧୋଇ ଉଠିଆସି ଘରକୁ ଚାଲି ଆସିଥିଲେ। ହେଲେ ଦୁଇ ଝିଅ ଘରକୁ ଫେରି ନଥିଲେ। ଘରକୁ ନଫେରିବାରୁ ପରିବାର ଲୋକେ ଆସି ଖୋଜିଥିଲେ । ପରେ ପରିବାର ଲୋକେ ଉଭୟଙ୍କୁ ସଂଜ୍ଞାହୀନ ଅବସ୍ଥାରେ ପାଇ ତୁରନ୍ତ ବାସୁଦେବପୁର ଡାକ୍ତରଖାନା ନେଇଆସିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି।

## ୧୦୦ ଏକର ଜଙ୍ଗଲ କାଟି କରିଥିଲେ ପଦା

# ଗଛ ଲଗାଅ ନହେଲେ ଜେଲ୍ ଯିବାକୁ ପ୍ରସ୍ତୁତ ହୁଅ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,**

ହାଇଦ୍ରାବାଦ ସହରର କାଞ୍ଚା ଗାଛିବୌଲି ଜଙ୍ଗଲ ବର୍ତ୍ତମାନ ଜାତୀୟ ସ୍ତରରେ ବଡ଼ ପ୍ରସଙ୍ଗ ପାଲଟିଛି । ଏଚ୍‌ସିୟୁ ବିଶ୍ୱବିଦ୍ୟାଳୟ ନିକଟରେ ଥିବାରୁ ଏହାକୁ ହାଇଦ୍ରାବାଦର 'ହାର୍ଟ' ବୋଲି କୁହାଯାଏ । ୪୦୦ ଏକର ଅଞ୍ଚଳରେ ପରିବ୍ୟାପ୍ତ ଏହି ଜଙ୍ଗଲକୁ 'ଗ୍ରୀନଲ୍ୟାଣ୍ଡ' ବୋଲି ମଧ କୁହାଯାଏ। ଏହି ଜଙ୍ଗଲରେ ଅନେକ ବଡ଼ ବଡ଼ ଗଛ ଥିଲା ଯାହା ବନ୍ୟ ଜୀବଜନ୍ତୁଙ୍କ ଘର ପାଲଟିଥିଲା । କିନ୍ତୁ ସଭ୍ୟ ସମାଜର ସୌନ୍ଦର୍ଯ୍ୟକରଣ ଭିତରେ ବଳି ପଡ଼ିଗଲା ଅନେକ ଗଛ ଆଉ ବେସାହାରା ହୋଇଗଲେ ଅନେକ ଜୀବଜନ୍ତୁ । ସୋସିଆଲ୍ ମିଡ଼ିଆରେ ଏହି ଘଟଣାକୁ ନେଇ ସ୍ୱର ଉତ୍ତୋଳନ କଲେ ଏଚ୍‌ସିୟୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ପରିବେଶବିତ୍ ଏବଂ ସ୍ଥାନୀୟ ଲୋକେ। ଛୁଟି ଚାଲିଥିବା ସମୟରେ ସବୁଜିମାଭରା ଜଙ୍ଗଲକୁ କୃତ୍ରିମ ଶ୍ମଶାନରେ ପରିଣତ କରିଥିଲା ଜେସିବି, ବୁଲଡୋଜର୍। ଘଟଣାଟି ସେତେବେଳେ ଜାତୀୟ ସ୍ତରରେ ମୁଣ୍ଡ ଟେକିଲା ଯେତେବେଳେ ସୋସିଆଲ୍ ମିଡ଼ିଆର ବିଭିନ୍ନ ସାଇଟରେ ଗୋଟିଏ ମୟୂର କାନ୍ଦିବାର ଭିଡ଼ିଓ ଘୂରି ବୁଲିଲା । ପ୍ରଶ୍ନ ଉଠିଲା, ବିକାଶ ନାଁରେ ୪୫୫ରୁ ଅଧିକ ପ୍ରଜାତୀକୁ ନିଜ କୋଳରେ ସ୍ଥାନ ଦେଇଥିବା ଏହି ଜଙ୍ଗଲକୁ କାଟିବା କେତେ ଦୂର ଠିକ୍ ? ଛାତ୍ରଛାତ୍ରୀଙ୍କ ଘନ ଘନ ପ୍ରତିବାଦରେ ଚେତିଲା ପ୍ରଶାସନ ଆଉ ରୋକିଲା ଜଙ୍ଗଲ କାଟ୍ । ଗତ ସପ୍ତାହରେ ଏହି ଘଟଣାକୁ ନେଇ ତେଲେଙ୍ଗାନାର ମୁଖ୍ୟ ଶାସନ ସଚିବଙ୍କ ଉପରେ ଖୁବ୍ ବର୍ଷିଥିଲେ ସୁପ୍ରିମକୋର୍ଟ । ଜଙ୍ଗଲର ସଂରକ୍ଷଣ ନହେଲେ ଜେଲ୍ ଯିବାକୁ ପ୍ରସ୍ତୁତ ରୁହ ବୋଲି ମୁଖ୍ୟ ଶାସନ ସଚିବଙ୍କୁ ସଫା ସଫା କହିଥିଲେ ସୁପ୍ରିମକୋର୍ଟ । ସୁପ୍ରିମକୋର୍ଟ ଏହି ଘଟଣା ଉପରେ ଚିନ୍ତା ପ୍ରକଟ କରି କହିଥିଲେ ଯେ ଜଙ୍ଗଲକୁ ଯଥାଶୀଘ୍ର ପୂର୍ବସ୍ଥିତିକୁ ଅଣାଯାଉ । ତୁରନ୍ତ ଜଙ୍ଗଲ ସଂରକ୍ଷଣ ପାଇଁ ଯୋଜନା ତିଆରି କର ନହେଲେ ଅଧିକାରୀ ଜେଲ୍ ଯିବାକୁ ପ୍ରସ୍ତୁତ ହୁଅ। ତେଲେଙ୍ଗାନାର ୱାଇଲ୍ଡ ଲାଇଫ୍ ୱାର୍ଡେନଙ୍କୁ ଜଙ୍ଗଲ କାଟରେ ପ୍ରଭାବିତ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ତେଲେଙ୍ଗାନା ସରକାରଙ୍କୁ ଏହାର ଜବାବ୍ ଦେବା ପାଇଁ ୪ ସପ୍ତାହ ସମୟ ଦିଆଯାଇଛି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ମେ ୧୫ ତାରିଖରେ ଅନୁଷ୍ଠିତ ହେବ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଜଙ୍ଗଲରେ ଗୋଟିଏ ବି ଗଛ ନ କାଟିବା ପାଇଁ ଚେତାବନୀ ଦେଇଛନ୍ତି ସୁପ୍ରିମକୋର୍ଟ। ଏହି ମାମଲାରେ ଏମିକସ୍ କ୍ୟୁରି ସାଜିଥିବା ବରିଷ୍ଠ ଓକିଲ କେ.ପରମେଶ୍ୱର ବେଞ୍ଚକୁ ସିଇସିର ଏକ ରିପୋର୍ଟ ଦାଖଲ କରିଥିଲେ । ଏହି ରିପୋର୍ଟରେ କୁହାଯାଇଥିଲା ଯେ ତେଲେଙ୍ଗାନାର ଅଧିକାରୀ ଜଙ୍ଗଲରୁ ଗଛ କାଟିବା ପାଇଁ ବୁଲଡୋଜରକୁ ଡାକିବା ପୂର୍ବରୁ ହିଁ ଏକ ବେସରକାରୀ କମ୍ପାନିକୁ ୧୦,୦୦୦ କୋଟି ଟଙ୍କାରେ ବନ୍ଧା ପକାଇ ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଏହି ଘଟଣାକୁ ସୁପ୍ରିମକୋର୍ଟଙ୍କ ସମ୍ମୁଖରେ ରଖିବାକୁ ଭୁଲି ଯାଇଥିଲେ। ବର୍ତ୍ତମାନ ଚିନ୍ତାର ବିଷୟ ହେଉଛି ଏହି କମ୍ପାନୀ କେତେବେଳେ ବି ଉକ୍ତ ଜମିକୁ ନିଜର ବୋଲି କହିପାରେ । ତେବେ ସେ ଯାହା ହେଉନା କାହିଁକି ବର୍ତ୍ତମାନର ମୁଖ୍ୟ ମୁଦ୍ଦା ହେଉଛି କେମିତି ୧୦୦ ଏକରର ଜଙ୍ଗଲକୁ ସଂରକ୍ଷଣ କରିବା । ତେଲେଙ୍ଗାନାର କଂଗ୍ରେସ ସରକାର ଏହି ଜଙ୍ଗଲକୁ କାଟି ଏଠାରେ ଆଇଟି ପାର୍କ ତିଆରି କରି ଟିଜିଆଇସିକୁ ନିଲାମ୍ କରିବାର ଯୋଜନା ରଖିଥିଲା । କିନ୍ତୁ ପ୍ରତିବାଦ, ହୋହଲ୍ଲା ଯୋଗୁଁ କାମ ଅଧାରେ ଅଟକିଲା । ଗୋଟିଏ ପଟେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ଘଟଣାରେ ପ୍ରତିବାଦ କରୁଥିବା ବେଳେ ଆଉ ଗୋଟିଏ ପଟେ ସୁପ୍ରିମକୋର୍ଟ ନିଜ ଆଡୁ ମାମଲାର ଶୁଣାଣି କରିଛନ୍ତି । ଏହି ଘଟଣା ସେତେବେଳେ ଅଧିକ ଚର୍ଚ୍ଚାରେ ଆସିଲା ଯେତେବେଳେ ବନ୍ୟଜନ୍ତୁ ଜଙ୍ଗଲ କାଟର ବିରୋଧ କରିଥିଲେ। ଗଛ କାଟିବାକୁ ଆସିଥିବା ବୁଲଡୋଜର୍ ସହ କେମିତି ହାତୀ ଲଢ଼େଇ କରୁଥିଲା ଏବଂ ହାତୀର ମୁଣ୍ଡରେ କେମିତି ଆଘାତ ଲାଗିଥିଲା ଏହାର ଭିଡିଓ ମଧ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା ।

## ଗ୍ରାମୀଣ ଡାକ ସେବକ ନିଯୁକ୍ତିରେ ଜାଲ୍ ସାର୍ଟିଫିକେଟ ଦେବା ଘଟଣା

# ଓଡ଼ିଶାର ୫ ଜିଲ୍ଲାରେ ସିବିଆଇ ଚଢଉ

**ଭୁବନେଶ୍ୱର, ୨୪।୪**
**ନ୍ୟୁଜ ବ୍ୟୁରୋ**

ଗ୍ରାମୀଣ ଡାକ ସେବକ ନିଯୁକ୍ତିରେ ଜାଲ ସାର୍ଟିଫିକେଟ ଦେବା ନେଇ ରାଜ୍ୟର ପାଞ୍ଚଟି ଜିଲ୍ଲାର ୧୨ଟି ସ୍ଥାନରେ ସିବିଆଇ ଚଢଉ କରିଛି। ଭୁବନେଶ୍ୱର, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ଏବଂ କେନ୍ଦୁଝର ଜିଲ୍ଲାର ୧୨ ଟି ସ୍ଥାନରେ ସିବିଆଇ ଚଢଉ କରିଛି। ଏଥିରେ ମଧ୍ୟସ୍ଥି ସାଜିଥିବା ବ୍ୟକ୍ତି, ଜାଲ୍ ମାଟ୍ରିକ୍ ସାର୍ଟିଫିକେଟ୍ ତିଆରି କରିବାରେ ସାମିଲ ବ୍ୟକ୍ତିଙ୍କ ଘରେ ସିବିଆଇ ଯାଞ୍ଚ କରିଛି। ଯାଞ୍ଚ ସମୟରେ ଅନେକ ଡକ୍ୟୁମେଣ୍ଟ ସିବଆଇ ଜବତ କରିଛି। ଓଡ଼ିଶା ସର୍କଲର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲଙ୍କ ଅଭିଯୋଗ କ୍ରମେ ୨୦୨୩ ମେ ୯ ତାରିଖରେ ଏହି




ମାମଲା ସିବିଆଇରେ ରୁଜୁ ହୋଇଥିଲା। ୨୦୨୩ ଗ୍ରାମୀଣ ଡାକ ସେବକ ନିଯୁକ୍ତି ପ୍ରକ୍ରିୟା ସମୟରେ ଚାକିରି ପାଇବା ପାଇଁ କିଛି ପ୍ରାର୍ଥୀ ଜାଲ୍ ମାଟ୍ରିକ୍ ସାର୍ଟିଫିକେଟ୍ ଦାଖଲ କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଏହି ମାମଲାରେ, ସିବିଆଇ ୩୦/୧୦/୨୦୨୪ ରେ ୫୫ ଜଣ ପ୍ରାର୍ଥୀ ଏବଂ ତିନି ଜଣ ମଧ୍ୟସ୍ଥିଙ୍କ ବିରୁଦ୍ଧରେ କୋର୍ଟରେ ଏକ ଚାର୍ଜସିଟ୍ ଦାଖଲ କରିସାରିଛି। ଜାଲିଆତିର ସମ୍ପୂର୍ଣ୍ଣ ପର୍ଦ୍ଦାଫାସ କରିବା, ଠକେଇରେ ଜଡିତ ଅନ୍ୟ ପ୍ରାର୍ଥୀମାନଙ୍କୁ ଏବଂ ସାର୍ଟିଫିକେଟ୍ ଜାଲିଆତି ପଛରେ ଥିବା ମାଷ୍ଟରମାଇଣ୍ଡମାନଙ୍କୁ ଚିହ୍ନଟ କରିବା ପାଇଁ ସିବିଆଇ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।